# ଅଧ୍ୟାୟ IV

# ରାଜ୍ୟ ସରକାରୀ ଉଦ୍ୟୋଗଗୁଡିକର ଆର୍ଥିକ ପ୍ରଦର୍ଶନର ସାରାଂଶ

# ଅଧ୍ୟାୟ IV

## ରାଜ୍ୟ ସରକାରୀ ଉଦ୍ୟୋଗଗୁଡିକର ଆର୍ଥିକ ପ୍ରଦର୍ଶନର ସାରାଂଶ

## 4.1 ଉପକ୍ରମ

ଏହି ପ୍ରତିବେଦନ ସରକାରୀ କମ୍ପାନୀ, ବୈଧାନିକ ନିଗମ ଏବଂ ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକର ଆର୍ଥିକ କାର୍ଯ୍ୟଦକ୍ଷତାର ସାରାଂଶ ଉପସ୍ଥାପନ କରେ। ପ୍ରତିବେଦନରେ, ରାଜ୍ୟ ସରକାରୀ ଉଦ୍ୟୋଗ (ଏସ୍‌ପିଏସ୍‌ଇ) ଶବ୍ଦ ସେହି ସରକାରୀ କମ୍ପାନୀଗୁଡିକୁ ଅନ୍ତର୍ଭୁକ୍ତ କରେ ଯେଉଁଥିରେ ରାଜ୍ୟ ସରକାରଙ୍କ ପ୍ରତ୍ୟକ୍ଷ ଅଂଶଧନ 51 ପ୍ରତିଶତ କିମ୍ବା ଅଧିକ ଏବଂ ସରକାରୀ କମ୍ପାନୀଗୁଡିକର ସହାୟକ କମ୍ପାନୀ ଅଟେ। ବିଧାନସଭା ଦ୍ୱାରା ପ୍ରଣୀତ ବୈଧାନିକ ନିଗମ ତଥା ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ମାଲିକାନା କିମ୍ବା ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକ ମଧ୍ୟ ଏସ୍‌ପିଏସ୍‌ଇ ଭାବରେ ବର୍ଗୀକୃତ ହୋଇଛନ୍ତି।

କମ୍ପାନୀ ଅଧିନିୟମ, 2013ର ଧାରା 2(45)ରେ ବ୍ୟାଖ୍ୟା କରାଯାଇଛି ଯେ କୌଣସି କମ୍ପାନୀରେ ସମାଦତ୍ତ ପୁଞ୍ଜିର ଅନ୍ୟୁନ୍ୟ 51 ପ୍ରତିଶତ ଯଦି କେନ୍ଦ୍ର ସରକାରଙ୍କ ଦ୍ୱାରା ନତୁବା ରାଜ୍ୟ ସରକାର/ ସରକାରମାନଙ୍କ ଦ୍ୱାରା ବା କିଛି ଅଂଶ କେନ୍ଦ୍ର ସରକାରଙ୍କ ଦ୍ୱାରା ଏବଂ କିଛି ଅଂଶ ଗୋଟିଏ କିମ୍ବା ଅଧିକ ରାଜ୍ୟ ସରକାରମାନଙ୍କ ଦ୍ୱାରା ନିବେଶିତ ହୋଇଥାଏ, ତେବେ ସେହି କମ୍ପାନୀକୁ ସରକାରୀ କମ୍ପାନୀ ବୁଝାଯାଏ ଏବଂ ଏହି କମ୍ପାନୀଗୁଡିକର ସହାୟକ କମ୍ପାନୀ ମଧ୍ୟ ସରକାରୀ କମ୍ପାନୀ ଅଟେ।

ଏହା ବ୍ୟତୀତ, ଅନ୍ୟ କୌଣସି କମ୍ପାନୀର ମାଲିକାନା କିମ୍ବା ନିୟନ୍ତ୍ରଣ ଯଦି ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ କେନ୍ଦ୍ର ସରକାର କିମ୍ବା କୌଣସି ରାଜ୍ୟ ସରକାର/ ସରକାରମାନଙ୍କ କିମ୍ବା ଆଂଶିକ କେନ୍ଦ୍ର ସରକାର ଏବଂ ଆଂଶିକ ଗୋଟିଏ କିମ୍ବା ଅଧିକ ରାଜ୍ୟ ସରକାରମାନଙ୍କ ନିକଟରେ ଥାଏ, ଏହି ପ୍ରତିବେଦନରେ ସେଗୁଡିକୁ ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀ ଭାବରେ ଉଲ୍ଲେଖ କରାଯାଇଛି।

### 4.1.1 ଆଦେଶ

ସିଏଜିଙ୍କ ଦ୍ୱାରା ସରକାରୀ କମ୍ପାନୀ ଏବଂ ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକର ସମୀକ୍ଷା କମ୍ପାନୀ ଅଧିନିୟମ 2013ର ଧାରା 143(5)ରୁ 143(7), ସିଏଜିଙ୍କ (କର୍ତ୍ତବ୍ୟ, କ୍ଷମତା ଏବଂ ସେବାସର୍ତ୍ତ) ଅଧିନିୟମ 1971ର ଧାରା 19 ଏବଂ ସେଥିରେ ପ୍ରସ୍ତୁତ ନିୟମାବଳୀ ଦ୍ୱାରା ପରିଚାଳିତ ହୁଏ। କମ୍ପାନୀ ଅଧିନିୟମ, 2013 ଅନୁଯାୟୀ, ସିଏଜି ଚାର୍ଟର୍ଡ ଆକାଉଣ୍ଟାଣ୍ଟମାନଙ୍କୁ କମ୍ପାନୀଗୁଡିକ ପାଇଁ ବୈଧାନିକ ସମୀକ୍ଷକ ଭାବରେ ନିଯୁକ୍ତ କରନ୍ତି ଏବଂ ହିସାବଗୁଡିକ କିପରି ସମୀକ୍ଷା କରାଯିବ ସେ ସମ୍ବନ୍ଧରେ ନିର୍ଦ୍ଦେଶ ଦେଇଥାନ୍ତି । ଏଥି ସହିତ ଏକ ଅନୁପୂରକ ସମୀକ୍ଷା କରିବାକୁ ସିଏଜିଙ୍କର ଅଧିକାର ଅଛି। କେତେକ ବୈଧାନିକ ନିଗମକୁ ନିୟନ୍ତ୍ରଣ କରୁଥିବା ନିୟମଗୁଡିକ ସେମାନଙ୍କ ସମୀକ୍ଷା କେବଳ ମହାସମୀକ୍ଷକଙ୍କ ଦ୍ୱାରା ହେବା ଆବଶ୍ୟକ କରନ୍ତି।

### 4.1.2 ଏହି ପ୍ରତିବେଦନରେ ଅନ୍ତର୍ଭୁକ୍ତ

ଏହି ପ୍ରତିବେଦନ ରାଜ୍ୟ ସରକାରୀ କମ୍ପାନୀ ଏବଂ ନିଗମଗୁଡିକର ବାର୍ଷିକ ହିସାବର ଆର୍ଥିକ ପ୍ରଦର୍ଶନର ଏକ ସାମଗ୍ରୀକ ଚିତ୍ର ପ୍ରଦାନ କରିଥାଏ।

ବାର୍ଷିକ ହିସାବଗୁଡିକର ସଂଶୋଧନ ଏବଂ ସିଏଜିଙ୍କ ଦ୍ୱାରା ଏସ୍‌ପିଏସ୍‌ଇଗୁଡିକର 2019-20 ବର୍ଷ କିମ୍ବା ପୂର୍ବ ବର୍ଷମାନଙ୍କ ପାଇଁ ଚଳିତ ବର୍ଷ ବୃତାନ୍ତ ହୋଇଥିବା ଆର୍ଥିକ ବିବରଣୀଗୁଡିକର ଅନୁପୂରକ ସମୀକ୍ଷା ଫଳାଫଳ ଉପରେ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟଗୁଡିକର ପ୍ରଭାବ ଏହି ପ୍ରତିବେଦନରେ ଦିଆଯାଇଛି। ପ୍ରତିବେଦନରେ ସିଏଜିଙ୍କ ଦ୍ୱାରା ସେହି ବୈଧାନିକ ନିଗମଗୁଡିକର ଆର୍ଥିକ ବିବରଣୀ ଉପରେ ଦିଆଯାଇଥିବା ମନ୍ତବ୍ୟର ପ୍ରଭାବ ମଧ୍ୟ ରହିଛି, ଯେଉଁ ବୈଧାନିକ ନିଗମଗୁଡିକରେ ସିଏଜି ଏକମାତ୍ର ସମୀକ୍ଷକ ଅଟନ୍ତି।

### 4.1.3 ଏସ୍‌ପିଏସ୍‌ଇଗୁଡ଼ିକର ସଂଖ୍ୟା

31 ମାର୍ଚ୍ଚ 2020 ସୁଦ୍ଧା, (**ପରିଶିଷ୍ଟ-18** ରେ ବିସ୍ତୃତ ଭାବରେ) ସିଏଜିଙ୍କ ସମୀକ୍ଷା ଅଧୀନରେ 82ଟି ଏସ୍‌ପିଏସ୍‌ଇ ଥିଲା ଯାହା ଦିଆଗଲା। ଏଥିମଧ୍ୟରେ 63ଟି ସରକାରୀ କମ୍ପାନୀ[33], 03ଟି ବୈଧାନିକ ନିଗମ ଏବଂ 16ଟି ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନୀ ଅନ୍ତର୍ଭୁକ୍ତ। ଏଥିମଧ୍ୟରୁ, 46ଟି ଏସ୍‌ପିଏସ୍‌ଇର ଆର୍ଥିକ କାର୍ଯ୍ୟଦକ୍ଷତାର ସାରାଂଶ ଏହି ପ୍ରତିବେଦନରେ ଅନ୍ତର୍ଭୁକ୍ତ ହୋଇଛି ଏବଂ ଏହି ଏସ୍‌ପିଏସ୍‌ଇଗୁଡ଼ିକର ପ୍ରକାର ନିମ୍ନ ସାରଣୀରେ ସୂଚିତ କରାଯାଇଛି:

**ସାରଣୀ 4.1: ଏହି ପ୍ରତିବେଦନରେ ଅନ୍ତର୍ଭୁକ୍ତ ଏସ୍‌ପିଏସ୍‌ଇ ଗୁଡ଼ିକର ଅନ୍ତର୍ଭୁକ୍ତି ଏବଂ ପ୍ରକାର**

| ଏସ୍‌ପିଏସ୍‌ଇର ପ୍ରକାର | ମୋଟ ଏସ୍‌ପିଏସ୍‌ଇ ସଂଖ୍ୟା | ଏହି ପ୍ରତିବେଦନରେ ଅନ୍ତର୍ଭୁକ୍ତ ଏସ୍‌ପିଏସ୍‌ଇଗୁଡ଼ିକର ସଂଖ୍ୟା | | | | ବାର୍ଷିକ ହିସାବ ତିନି ବର୍ଷ ବା ତଦୂର୍ଦ୍ଧ ବକେୟା ଥିବା ଏସ୍‌ପିଏସ୍‌ଇ ଗୁଡ଼ିକର ସଂଖ୍ୟା ଯାହାକି ଅନ୍ତର୍ଭୁକ୍ତ କରାଯାଇନାହିଁ |
|---|---|---|---|---|---|---|
| | | ପର୍ଯ୍ୟନ୍ତ ହିସାବ | | | ମୋଟ | |
| | | 2019-20 | 2018-19 | 2017-18 | | |
| ସରକାରୀ କମ୍ପାନୀ ସମୂହ | 63 | 7 | 20 | 3 | 30 | 33 |
| ବୈଧାନିକ ନିଗମ ସମୂହ | 3 | 0 | 2 | 1 | 3 | 0 |
| ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନୀ ସମୂହ | 16 | 4 | 7 | 2 | 13 | 3 |
| **ମୋଟ** | **82** | **11** | **29** | **6** | **46** | **36** |

କୌଣସି ସରକାରୀ କମ୍ପାନୀ/ ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀ 2019-20 ମଧ୍ୟରେ ସିଏଜିଙ୍କ ସମୀକ୍ଷା ପରିସରକୁ ଆସିନଥିଲେ କିମ୍ବା ସମୀକ୍ଷା ପରିସରରୁ ବାଦ ପଡିନଥିଲେ।

ଏହି ପ୍ରତିବେଦନରେ 36ଟି ଏସ୍‌ପିଏସ୍‌ଇ ଅନ୍ତର୍ଭୁକ୍ତ କରାଯାଇ ନାହିଁ (03ଟି ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡ଼ିକୁ ଅନ୍ତର୍ଭୁକ୍ତ କରି) ଯାହାର ବାର୍ଷିକ ହିସାବ ତିନି ବର୍ଷ କିମ୍ବା ତା ଠାରୁ ଅଧିକ ବକେୟା ରହିଥିଲା କିମ୍ବା ଅଚଳ କିମ୍ବା ସମାପନ ପ୍ରକ୍ରିୟାରେ ଏଗୁଡ଼ିକୁ **ପରିଶିଷ୍ଟ-19କ** ଏବଂ **ପରିଶିଷ୍ଟ-19ଖ**ରେ ଦର୍ଶାଯାଇଅଛି।

### 4.1.4 ରାଜ୍ୟ ଅର୍ଥନୀତିରେ ଯୋଗଦାନ

ନିମ୍ନଲିଖିତ ସାରଣୀରେ ମାର୍ଚ୍ଚ 2020ରେ ଶେଷ ହେବାକୁ ଥିବା ତିନିବର୍ଷ ପାଇଁ 33ଟି ସରକାରୀ ଏସ୍‌ପିଏସ୍‌ଇ ଏବଂ 13ଟି ସରକାର ନିୟନ୍ତ୍ରିତ ଅନ୍ୟ ଏସ୍‌ପିଏସ୍‌ଇ ଗୁଡ଼ିକର କାରବାର ଏବଂ ଓଡ଼ିଶାର ଜିଏସ୍‌ଡିପିର ସବିଶେଷ ବିବରଣୀ ପ୍ରଦାନ କରାଯାଇଛି:

**ସାରଣୀ 4.2: ଓଡ଼ିଶାର ଜିଏସ୍‌ଡିପି ତଥା ରାଜ୍ୟ ପିଏସ୍‌ଇଗୁଡ଼ିକର କାରବାରର ବିବରଣୀ**

*(ଟଙ୍କା କୋଟିରେ)*

| ବିଷଦ ବିବରଣୀ | 2017-18 | 2018-19 | 2019-20 |
|---|---|---|---|
| କାରବାର | 23375.77 | 25561.39 | 24850.36 |
| ପୂର୍ବ ବର୍ଷ ତୁଳନାରେ କାରବାରର ଶତକଡ଼ା ପରିବର୍ତ୍ତନ | 17.59 | 9.35 | -2.78 |
| ଓଡ଼ିଶାର ଜିଏସ୍‌ଡିପି | 415981.68 | 486003.80 | 533822.46 |
| ପୂର୍ବ ବର୍ଷ ତୁଳନାରେ ଜିଏସ୍‌ଡିପିର ଶତକଡ଼ା ପରିବର୍ତ୍ତନ | 32.32 | 16.83 | 9.84 |
| ଓଡ଼ିଶାରର ଜିଏସ୍‌ଡିପି ଉପରେ କାରବାରର ଶତକଡ଼ା ହାର | 5.62 | 5.26 | 4.66 |

2019-20 ରେ ଜିଏସ୍‌ଡିପି ଉପରେ ଏସ୍‌ପିଏସ୍‌ଇର କାରବାରର ହାର 4.66 ପ୍ରତିଶତ ଥିଲା ଏବଂ ପୂର୍ବ ବର୍ଷର

[33] କମ୍ପାନୀ ଅଧିନିୟମରେ ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀମାନଙ୍କର ସଜ୍ଞା ନିରୂପଣ କରାଯାଇନାହିଁ। ଏହି କମ୍ପାନୀଗୁଡ଼ିକରେ ସରକାରଙ୍କ ଅଂଶଧନ 51 ପ୍ରତିଶତ ବା ତା'ଠାରୁ କମ ଯେଉଁଗୁଡ଼ିକର ସମୀକ୍ଷା ପାଇଁ ସିଏଜିଙ୍କୁ ନ୍ୟସ୍ତ କରାଯାଇଥିଲା।

5.26 ପ୍ରତିଶତରୁ ହ୍ରାସ ପାଇଥିଲା। **ପରିଶିଷ୍ଟ-20** ରେ ବିଭାଗ-ୱାରୀ ସ୍ଥିତି ଦିଆଯାଇଛି। ଗତ ତିନିବର୍ଷ ମଧ୍ୟରେ ଜିଏସ୍‌ଡିପିର ବାର୍ଷିକ ଅଭିବୃଦ୍ଧି[34] 19.30 ପ୍ରତିଶତ ହୋଇଥିବା ବେଳେ, ସମାନ ସମୟରେ ଶକ୍ତିକ୍ଷେତ୍ର ଉଦ୍ୟୋଗ ଏବଂ ଅଣ-ଶକ୍ତିକ୍ଷେତ୍ର ଉଦ୍ୟୋଗର କାରବାର ଯଥାକ୍ରମେ ବାର୍ଷିକ 5.35 ପ୍ରତିଶତ ଏବଂ 9.44 ପ୍ରତିଶତ ବୃଦ୍ଧି ହୋଇଛି। ଏହା ଦ୍ୱାରା ଜିଏସ୍‌ଡିପି ଉପରେ ଏହି ରାଜ୍ୟ ପିଏସ୍‌ଇଗୁଡିକର କାରବାରର ହାର 2017-18 ରେ 5.62 ପ୍ରତିଶତରୁ 2019-20 ରେ 4.66 ପ୍ରତିଶତକୁ ହ୍ରାସ ପାଇଥିଲା।

### 4.1.5 ରାଜ୍ୟ ପିଏସ୍‌ଇଗୁଡିକୁ ବଜେଟ ସହାୟତା

ଓଡିଶା ସରକାର (ଜିଓଓ) ବାର୍ଷିକ ଅଟକଳ ମାଧ୍ୟମରେ ବିଭିନ୍ନ ରୂପରେ ରାଜ୍ୟ ପିଏସ୍‌ଇମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥାନ୍ତି। ମାର୍ଚ୍ଚ 2020ରେ ସମାପ୍ତ ହେଉଥିବା ତିନି ବର୍ଷରେ 4ଟି ରାଜ୍ୟ ପିଏସ୍‌ଇଙ୍କୁ ଅଂଶଧନ, ଋଣ, ଅନୁଦାନ/ସବ୍‌ସିଡି, ଋଣଛାଡ ଏବଂ ଅଂଶଧନରେ ରୂପାନ୍ତରିତ ଋଣ ବାବଦ ବଜେଟ ସହାୟତାର ସଂକ୍ଷିପ୍ତ ବିବରଣୀ ନିମ୍ନରେ ଦିଆଯାଇଛି।

**ସାରଣୀ 4.3: ରାଜ୍ୟ ପିଏସ୍‌ଇଗୁଡିକୁ ବଜେଟ୍ ସହାୟତା ସମ୍ବନ୍ଧୀୟ ବିବରଣୀ**

*(ଟଙ୍କା କୋଟିରେ)*

| ବିଷୟ ବିବରଣୀ[35] | 2017-18 | | 2018-19 | | 2019-20 | |
|---|---|---|---|---|---|---|
| | ପିଏସ୍‌ୟୁ ସଂଖ୍ୟା | ପରିମାଣ | ପିଏସ୍‌ୟୁ ସଂଖ୍ୟା | ପରିମାଣ | ପିଏସ୍‌ୟୁ ସଂଖ୍ୟା | ପରିମାଣ |
| ପ୍ରଦତ୍ତ ସାଧାରଣ ଅଂଶଧନ (i) | 4 | 597.69 | 3 | 272.42 | 2 | 118.70 |
| ପ୍ରଦତ୍ତ ଋଣ (ii) | 1 | 20.00 | 1 | 45.48 | 1 | 100.05 |
| ପ୍ରଦତ୍ତ ଅନୁଦାନ/ସବ୍‌ସିଡି (iii) | 12 | 826.43 | 9 | 1157.05 | 8 | 2460.36 |
| **ମୋଟ ପ୍ରଦତ୍ତ ଅର୍ଥ (i+ii+iii)** | **16$** | **1444.12** | **12$** | **1474.95** | **8*** | **2679.11** |
| ପ୍ରତିଭୂତି ପ୍ରଦାନ | 0 | 0 | 1@ | 2350.00 | 1@ | 600.00 |
| ପ୍ରତିଭୂତି ପ୍ରତିଶ୍ରୁତି[36] | 1@ | 2836.00 | 1@ | 4186.00 | 1@ | 4913.50 |

*$ ଗୋଟିଏ ସରକାରୀ ଏସ୍‌ପିଏସ୍‌ଇ ଯଥା ଓଡିଶା ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ୍ 2017-18 ଏବଂ 2018-19ରେ ଉଭୟ ସାଧାରଣ ଅଂଶଧନ ଏବଂ ଋଣ ଗ୍ରହଣ କରିଥିଲା।*

** ଗୋଟିଏ ସରକାରୀ ଏସ୍‌ପିଏସ୍‌ଇ ଯଥା ଓଡିଶା ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ୍ 2019-20ରେ ସାଧାରଣ ଅଂଶଧନ, ଋଣ ଏବଂ ଅନୁଦାନ ଗ୍ରହଣ କରିଥିଲା ଏବଂ ଗୋଟିଏ ସରକାରୀ ଏସ୍‌ପିଏସ୍‌ଇ ଯଥା ଓଡିଶା ଜଳ ବିଦ୍ୟୁତ ନିଗମ ଲିମିଟେଡ୍ 2019-20ରେ ଉଭୟ ସାଧାରଣ ଅଂଶଧନ ଏବଂ ଅନୁଦାନ ଗ୍ରହଣ କରିଥିଲା।*

*@ ଗ୍ରୀଡକୋ ଲିମିଟେଡ୍.*

2019-20 ବର୍ଷରେ ଦିଆଯାଇଥିବା 2,679.11 କୋଟି ଟଙ୍କାର ବଜେଟୀୟ ସହାୟତା ସାଧାରଣ ଅଂଶଧନ, ଋଣ ଏବଂ ଅନୁଦାନ/ସବ୍‌ସିଡି ଆକାରରେ ଥିଲା। ରାଜ୍ୟ ସରକାର 2019-20 ମଧ୍ୟରେ ଓଡିଶା ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ୍(ଓପିଟିସିଏଲ୍)କୁ 100.05 କୋଟି ଟଙ୍କାର ଋଣ ପ୍ରଦାନ କରିଛନ୍ତି, ଯାହାର ବାର୍ଷିକ ହିସାବ 2019-20 ଆର୍ଥିକ ବର୍ଷ ପାଇଁ 30 ସେପ୍ଟେମ୍ବର 2020 ପର୍ଯ୍ୟନ୍ତ ଗ୍ରହଣ କରାଯାଇ ନଥିଲା। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଅନୁଦାନ/ସବ୍‌ସିଡି ମୁଖ୍ୟତଃ ଖାଦ୍ୟ ସୁରକ୍ଷା ଯୋଗାଇବା ପାଇଁ ଉଦ୍ଦିଷ୍ଟ ଥିଲା। 2019-20 ବର୍ଷ ମଧ୍ୟରେ ଓଡିଶା ରାଜ୍ୟ ଯୋଗାଣ ନିଗମ ଲିମିଟେଡ୍ (1,324.33 କୋଟି ଟଙ୍କା) ଏବଂ ଓଡିଶା ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ୍ (853.69 କୋଟି ଟଙ୍କା)କୁ ସର୍ବାଧିକ ଅନୁଦାନ/ ସବ୍‌ସିଡି ପ୍ରଦାନ କରାଯାଇଥିଲା।

ବ୍ୟାଙ୍କ ଏବଂ ଆର୍ଥିକ ପ୍ରତିଷ୍ଠାନଗୁଡିକରୁ ଆର୍ଥିକ ସହାୟତା ମାଗିବା ପାଇଁ ଭାରତର ସମ୍ବିଧାନରେ ଧାର୍ଯ୍ୟ କରାଯାଇଥିବା ସୀମା ଅନୁଯାୟୀ ସରକାରଙ୍କ ଦ୍ୱାରା ଜାରି (ନଭେମ୍ବର 2002) କରାଯାଇଥିବା ମାନଦଣ୍ଡ ଏବଂ ନିର୍ଦ୍ଦେଶାବଳୀ

---

[34] ବାର୍ଷିକ ଚକ୍ରବୃଦ୍ଧି ହାର [[{(2019-20 ର ମୂଲ୍ୟ/ 2016-17 ର ମୂଲ୍ୟ)^(1/3 ବର୍ଷ)}- 1]*100] ଯେଉଁଠାରେ 2016-17 ବର୍ଷ ପାଇଁ କାରବାର ଏବଂ ଜିଏସ୍‌ଡିପି ଯଥାକ୍ରମେ 19879.27 କୋଟି ଟଙ୍କା ଏବଂ 314363.78 କୋଟି ଟଙ୍କା ଥିଲା।

[35] ପରିମାଣ କେବଳ ରାଜ୍ୟ ବଜେଟ୍‌ରୁ ପ୍ରଦତ୍ତ ରାଶିକୁ ସୂଚାଏ।

[36] ଏକ ନିର୍ଦ୍ଦିଷ୍ଟ ବର୍ଷ ଶେଷରେ ଏସ୍‌ପିଏସ୍‌ଇଗୁଡିକ ଉପରେ ସରକାରୀ ପ୍ରତିଭୂତିର ଅନ୍ତିମ ଅବଶେଷ।

ଅନୁଯାୟୀ ଜିଓଓ ପ୍ରତିଭୂତ ପ୍ରଦାନ କରିଥାଏ, ଯେଉଁଥିପାଇଁ ପ୍ରତିଭୂତ କମିଶନ ଚାର୍ଜ କରାଯାଉଛି। ସର୍ବାଧିକ ଅନୁମୋଦିତ ପ୍ରତିଭୂତି ଉପରେ ଏହି ହାର ହେଉଛି 0.50 ପ୍ରତିଶତ। ବ୍ୟାଙ୍କ/ ଆର୍ଥିକ ପ୍ରତିଷ୍ଠାନରୁ ଋଣ ପାଇବା ପାଇଁ ଗ୍ରୀଡ୍‌କୋ ଲିମିଟେଡ୍ ଜିଓଓରୁ ଅତିରିକ୍ତ ପ୍ରତିଭୂତି ପ୍ରତିଶ୍ରୁତି ଲୋଡିବାରୁ ଜିଓଓର ବକେୟା ପ୍ରତିଭୂତି ପ୍ରତିଶ୍ରୁତି 2018-19ରେ 4,186.00 କୋଟି ଟଙ୍କାରୁ 2019-20 ରେ 4,913.50 କୋଟି ଟଙ୍କାକୁ 17.38 ପ୍ରତିଶତ ବୃଦ୍ଧି ପାଇଥିଲା। ଗ୍ରୀଡ୍‌କୋ ଲିମିଟେଡ୍ 2019-20 ମଧ୍ୟରେ 32.16 କୋଟି ଟଙ୍କାର ପ୍ରତିଭୂତି କମିଶନ ଦେଇନଥିଲା।

**ଏହି ପ୍ରତିବେଦନରେ ଅନ୍ତର୍ଭୁକ୍ତ 2019-20 ପାଇଁ ଏସ୍‌ପିଏସ୍‌ଇର ଆର୍ଥିକ କାର୍ଯ୍ୟଦକ୍ଷତାର ସାରାଂଶ ( ସରକାରୀ କମ୍ପାନୀ ସମୂହ ଏବଂ ବୈଧାନିକ ନିଗମ ସମୂହ)**

| | |
|---|---|
| ଏସ୍‌ପିଏସ୍‌ଇ ସଂଖ୍ୟା | 66 |
| ଅନ୍ତର୍ଭୁକ୍ତ ହୋଇଥିବା ଏସ୍‌ପିଏସ୍‌ଇ | 33 |
| ସମାଦର ପୁଞ୍ଜି (33 ଏସ୍‌ପିଏସ୍‌ଇ) | 5,519.79 କୋଟି ଟଙ୍କା |
| ଦୀର୍ଘକାଳୀନ ଋଣ (33 ଏସ୍‌ପିଏସ୍‌ଇ) | 13,182.57 କୋଟି ଟଙ୍କା |
| ନିଟ୍ ଲାଭ (24 ଏସ୍‌ପିଏସ୍‌ଇ) | 1,686.08 କୋଟି ଟଙ୍କା |
| ନିଟ୍ କ୍ଷତି (07 ଏସ୍‌ପିଏସ୍‌ଇ) ଶୂନ୍ୟ ଲାଭ / କ୍ଷତି (02 ଏସ୍‌ପିଏସ୍‌ଇ)[37] | 304.52 କୋଟି ଟଙ୍କା |
| ଘୋଷିତ ଲାଭାଂଶ (06 ଏସ୍‌ପିଏସ୍‌ଇ) | 270.00 କୋଟି ଟଙ୍କା |
| ମୋଟ୍ ସମ୍ପତ୍ତି (33 ଏସ୍‌ପିଏସ୍‌ଇ) | 69681.45 କୋଟି ଟଙ୍କା |
| ଉତ୍ପାଦନର ମୂଲ୍ୟ (7 ଏସ୍‌ପିଏସ୍‌ଇ) | 6589.81 କୋଟି ଟଙ୍କା |
| ନିଟ୍ ମୂଲ୍ୟ (33 ସିପିଏସ୍‌ଇ) | 9621.32 କୋଟି ଟଙ୍କା |

## 4.2 ସରକାରୀ କମ୍ପାନୀ ଓ ନିଗମ ଏବଂ ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକରେ ବିନିଯୋଗ

31 ମାର୍ଚ୍ଚ 2020 ଶେଷ ସୁଦ୍ଧା 33[38]ଟି ସରକାରୀ କମ୍ପାନୀ ଏବଂ ନିଗମରେ ସାଧାରଣ ଅଂଶଧନ ଏବଂ ଋଣର ପରିମାଣ ନିମ୍ନ ସାରଣୀରେ ଦିଆଯାଇଛି।

**ସାରଣୀ 4.4: ସରକାରୀ କମ୍ପାନୀ ଏବଂ ନିଗମଗୁଡିକରେ ସାଧାରଣ ଅଂଶଧନ ଏବଂ ଋଣ**

*(ଟଙ୍କା କୋଟିରେ)*

| ବିନିଯୋଗର ଉତ୍ସ | 31.03.2020 ତାରିଖରେ | | | 31.03.2019 ତାରିଖରେ | | |
|---|---|---|---|---|---|---|
| | ସାଧାରଣ ଅଂଶଧନ | ଦୀର୍ଘକାଳୀନ ଋଣ | ମୋଟ୍ | ସାଧାରଣ ଅଂଶଧନ | ଦୀର୍ଘକାଳୀନ ଋଣ | ମୋଟ୍ |
| 1. ରାଜ୍ୟ ସରକାର | 3970.29 | 1277.21 | 5247.50 | 3898.26 | 1283.70 | 5181.96 |
| 2. ରାଜ୍ୟ ସରକାରୀ କମ୍ପାନୀ / ନିଗମ/ସ୍ୱୟଂ ଶାସିତ ସଂସ୍ଥା | 534.78 | 798.98 | 1333.76 | 534.78 | 810.13 | 1344.91 |
| 3. କେନ୍ଦ୍ର ସରକାର / କେନ୍ଦ୍ର ସରକାରୀ କମ୍ପାନୀ /ନିଗମ | 45.70 | 6882.83 | 6928.53 | 45.70 | 6882.83 | 6928.53 |
| 4. ଆର୍ଥିକ ପ୍ରତିଷ୍ଠାନ ଏବଂ ଅନ୍ୟମାନେ | 969.02 | 4223.55 | 5192.57 | 969.02 | 4240.85 | 5209.87 |
| **ମୋଟ୍** | **5519.79** | **13182.57** | **18702.36** | **5447.76** | **13217.51** | **18665.27** |
| ମୋଟ୍ ବିନିଯୋଗ ଉପରେ ରାଜ୍ୟ ସରକାରଙ୍କ ବିନିଯୋଗର ଶତକଡା ହାର | 71.93 | 9.69 | 28.06 | 71.56 | 9.71 | 27.76 |

31 ମାର୍ଚ୍ଚ 2020 ଶେଷ ସୁଦ୍ଧା 13ଟି ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀ ଗୁଡିକରେ ସାଧାରଣ ଅଂଶଧନ ଏବଂ ଋଣର ପରିମାଣ ନିମ୍ନ ସାରଣୀରେ ଦିଆଯାଇଛି।

---

[37] ଓଡିଶା ଖଣିଜ ଅନ୍ୱେଷଣ ନିଗମ ଲିମିଟେଡ୍ ଏବଂ ଓଡିଶା ରାଜ୍ୟ ଯୋଗାଣ ନିଗମ ଲିମିଟେଡ୍

[38] 66 ଏସ୍‌ପିଏସ୍‌ଇ-33 ଏସ୍‌ପିଏସ୍‌ଇ ଯାହାର ହିସାବ ତିନି ବର୍ଷ କିମ୍ବା ତା ଠାରୁ ଅଧିକ ବକେୟା ଥିଲା କିମ୍ବା ଅଚଳ/ସମାପନ ପ୍ରକ୍ରିୟାରେ ଥିଲା।

ସାରଣୀ **4.5:** ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକରେ ସାଧାରଣ ଅଂଶଧନ ଏବଂ ଋଣ

*(ଟଙ୍କା କୋଟିରେ)*


| ବିନିଯୋଗର ଉତ୍ସ | 31.03.2020 ତାରିଖରେ | | | 31.03.2019 ତାରିଖରେ | | |
|---|---|---|---|---|---|---|
| | ସାଧାରଣ ଅଂଶଧନ | ଦୀର୍ଘକାଳୀନ ଋଣ | ମୋଟ୍ | ସାଧାରଣ ଅଂଶଧନ | ଦୀର୍ଘକାଳୀନ ଋଣ | ମୋଟ |
| ରାଜ୍ୟ ସରକାର | 1774.38 | 46.58 | 1820.96 | 1774.17 | 46.58 | 1820.75 |

### 4.2.1 ସାଧାରଣ ଅଂଶଧନର ପରିମାଣ

ଗୋଟିଏ ଏସ୍‌ପିଏସ୍‌ର ଓଡିଶା ରାଜ୍ୟ ସଡକ ପରିବହନ ନିଗମ ଦ୍ୱାରା ରାଜ୍ୟ ସରକାରଙ୍କୁ ପ୍ରଦାନ କରିବାକୁ ଥିବା 72.03 କୋଟି ଟଙ୍କା ଦେୟକୁ ସାଧାରଣ ଅଂଶଧନରେ ରୂପାନ୍ତର କରାଯିବାରୁ 2019-20 ମଧ୍ୟରେ, ଏହି ପ୍ରତିବେଦନରେ ଅନ୍ତର୍ଭୁକ୍ତ 33ଟି ଏସ୍‌ପିଏସ୍‌ଇର ମୋଟ ସାଧାରଣ ଅଂଶଧନ ପରିମାଣର ଅଙ୍କିତ ମୂଲ୍ୟ 72.03 କୋଟି ଟଙ୍କା ବୃଦ୍ଧି ପାଇଥିଲା।

ସରକାରୀ କମ୍ପାନୀ ଏବଂ ନିଗମରେ 31 ମାର୍ଚ୍ଚ 2020ରେ ଶେଷ ହୋଇଥିବା ଦୁଇ ବର୍ଷ ମଧ୍ୟରେ ରାଜ୍ୟ ସରକାର ଏବଂ ଅନ୍ୟମାନଙ୍କ ନିକଟରେ ଥିବା ସାଧାରଣ ଅଂଶଧନର ପରିମାଣ ନିମ୍ନରେ ଥିବା ଚାର୍ଟରେ ଚିତ୍ରିତ ହୋଇଛି:

ଚାର୍ଟ**-I:** ସରକାରୀ କମ୍ପାନୀ ଏବଂ ନିଗମ ଗୁଡିକରେ ସାଧାରଣ ଅଂଶଧନର ପରିମାଣ




2019-20 ମଧ୍ୟରେ ଏସ୍‌ପିଏସ୍‌ଇର ସମାଦତ୍ତ ପୁଞ୍ଜିରେ ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ହୋଲ୍ଡିଂ (200 କୋଟି ଟଙ୍କାରୁ ଅଧିକ ହୋଲ୍ଡିଂ)ର ବିବରଣୀ ନିମ୍ନ ସାରଣୀରେ ଦିଆଯାଇଛି:

ସାରଣୀ **4.6:** ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ହୋଲ୍ଡିଂ

*(ଟଙ୍କା କୋଟିରେ)*

| ଏସ୍‌ପିଏସ୍‌ଇର ନାମ | ବିଭାଗର ନାମ | ପରିମାଣ | ରାଜ୍ୟ ସରକାରଙ୍କ ମୋଟ ହୋଲ୍ଡିଂ ତୁଳନାରେ ଏହି ଏସ୍‌ପିଏସ୍‌ଇରେ ରାଜ୍ୟ ସରକାରଙ୍କ ହୋଲ୍ଡିଂର ଶତକଡା ହାର |
|---|---|---|---|
| ବୈଧାନିକ ନିଗମ | | | |
| ଓଡିଶା ରାଜ୍ୟ ଅର୍ଥ ନିଗମ | ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ | 342.72 | 8.63 |
| ଓଡିଶା ରାଜ୍ୟ ସଡକ ପରିବହନ ନିଗମ | ବାଣିଜ୍ୟ ଓ ପରିବହନ | 278.54 | 7.02 |
| ସରକାରୀ କମ୍ପାନୀ ସମୂହ | | | |
| ଓଡିଶା ଶକ୍ତି ଉତ୍ପାଦନ ନିଗମ ଲିମିଟେଡ୍ | ଶକ୍ତି | 929.47 | 23.41 |
| ଓଡିଶା ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ୍ | ଶକ୍ତି | 790.07 | 19.90 |
| ଓଡିଶା ଜଳ ବିଦ୍ୟୁତ ନିଗମ ଲିମିଟେଡ୍ | ଶକ୍ତି | 761.65 | 19.18 |
| ଗ୍ରୀଡ୍‌କୋ ଲିମିଟେଡ୍ | ଶକ୍ତି | 576.71 | 14.53 |

## 4.2.2 ସରକାରୀ କମ୍ପାନୀ ଏବଂ ନିଗମଗୁଡିକୁ ଦିଆଯାଇଥିବା ଋଣ

### 4.2.2.1 31 ମାର୍ଚ୍ଚ 2020 ସୁଦ୍ଧା ବକେୟା ଥିବା ଦୀର୍ଘକାଳୀନ ଋଣର ଗଣନା

ଏହି ପ୍ରତିବେଦନରେ ଅନ୍ତର୍ଭୁକ୍ତ 33ଟି ସରକାରୀ କମ୍ପାନୀ ଏବଂ ନିଗମଗୁଡିକ ମଧ୍ୟରୁ 10ଟି ଏସ୍‌ପିଏସ୍‌ଇର 31 ମାର୍ଚ୍ଚ 2020 ସୁଦ୍ଧା ସମସ୍ତ ଉତ୍ସରୁ 13,182.57 କୋଟି ଟଙ୍କା ବକେୟା ଦୀର୍ଘକାଳୀନ ଋଣ ରହିଥିଲା। 2019-20 ମଧ୍ୟରେ ଏସ୍‌ପିଏସ୍‌ଇମାନଙ୍କର ଦୀର୍ଘକାଳୀନ ଋଣରେ 34.94 କୋଟି ଟଙ୍କା ହ୍ରାସ ହୋଇଥିଲା। 31 ମାର୍ଚ୍ଚ 2020 ସୁଦ୍ଧା 10ଟି ଏସ୍‌ପିଏସ୍‌ଇର ମୋଟ ଋଣ ମଧ୍ୟରୁ ରାଜ୍ୟ ସରକାରଙ୍କ କରଜ 1,277.29 କୋଟି ଟଙ୍କା ଥିଲା ଯେଉଁଥିରେ କୋଣାର୍କ ଝୋଟ ଲିମିଟେଡ୍ (କେଜେଏଲ୍) ନାମକ ଏକ ଏସ୍‌ପିଏସ୍‌ଇର 2019-20 ସମ୍ବନ୍ଧୀୟ 12.13 କୋଟି ଟଙ୍କା ଋଣ ଅନ୍ତର୍ଭୁକ୍ତ ଥିଲା।


ଓଡିଶା ସରକାରଙ୍କୁ ବିକ୍ରୟ କର ଋଣ[39] ଉପରେ ଦିଆଯିବାକୁ ଥିବା ସୁଧରେ ବୃଦ୍ଧି ହେତୁ 2018-19 ଏବଂ 2019-20ରେ କେଜେଏଲ୍‌ର ଦୀର୍ଘକାଳୀନ ଋଣ ବୃଦ୍ଧି ପାଇଥିଲା।

2019-20 ଆର୍ଥିକ ବର୍ଷ ପାଇଁ କେଜେଏଲ୍ ବାର୍ଷିକ ହିସାବରୁ ଏହା ଲକ୍ଷ୍ୟ କରାଯାଇଥିଲା ଯେ, ଏହା 2019-20 ମଧ୍ୟରେ ଋଣର ମୂଳଧନ କିମ୍ବା ସୁଧ ପରିଶୋଧ କରିନାହିଁ।

10ଟି ଏସ୍‌ପିଏସ୍‌ଇ ମଧ୍ୟରୁ, ଗୋଟିଏ ଏସ୍‌ପିଏସ୍‌ଇ ଯଥା କେଜେଏଲ୍ ସମ୍ବନ୍ଧରେ ମୋଟ ସମ୍ପତ୍ତିର ମୂଲ୍ୟ ହେଉଛି 5.00 କୋଟି ଟଙ୍କା ଯାହା 12.13 କୋଟି ଟଙ୍କା ବକେୟା କରଜଠାରୁ କମ୍ ଥିଲା।

ସରକାରୀ କମ୍ପାନୀ ଏବଂ ନିଗମଗୁଡିକର ବକେୟା ଦୀର୍ଘକାଳୀନ ଋଣର ବର୍ଷ-ୱାରୀ ବିବରଣୀଗୁଡିକ ନିମ୍ନ ଚାର୍ଟରେ ଚିତ୍ରିତ ହୋଇଛି:

ଚାର୍ଟ 11: ସରକାରୀ କମ୍ପାନୀ ସମୂହ ଏବଂ ନିଗମ ସମୂହରେ ବକେୟା ଦୀର୍ଘକାଳୀନ ଋଣ




39 କୋଣାର୍କ ଝୋଟ ଲିମିଟେଡ୍ ବିକ୍ରୟ କର ଦେୟ ପ୍ରଦାନ କରିବାରେ ବିଫଳ ହୋଇଥିଲା ଯାହା ଫଳରେ ରାଜ୍ୟ ସରକାର ଦେୟକୁ ଋଣରେ ରୂପାନ୍ତର କରିଥିଲେ।

### 4.2.2.2 ଋଣ ଦେୟକୁ ପୂରଣ ପାଇଁ ସମ୍ପତ୍ତିର ପର୍ଯ୍ୟାପ୍ତତା

ସମୁଦାୟ ସମ୍ପତ୍ତି ସହିତ ମୋଟ କରଜର ଅନୁପାତ ହେଉଛି ଏକ କମ୍ପାନୀ ଋଣ ପରିଶୋଧକ୍ଷମ ରହିପାରିବ କି ନାହିଁ ତାହା ନିର୍ଦ୍ଧାରଣ କରିବା ପାଇଁ ବ୍ୟବହୃତ ପଦ୍ଧତି ମଧ୍ୟରୁ ଗୋଟିଏ। ଋଣ ପରିଶୋଧକ୍ଷମ ଭାବରେ ବିବେଚନା କରିବାକୁ, ଏକ ସଂସ୍ଥାର ସମ୍ପତ୍ତିର ମୂଲ୍ୟ ଏହାର କରଜ/ଋଣ ପରିମାଣଠାରୁ ଅଧିକ ହେବା ଜରୁରୀ। 31 ମାର୍ଚ୍ଚ 2020 ସୁଦ୍ଧା 10ଟି ସରକାରୀ ଏସ୍‌ପିଏସ୍‌ଇରେ ମୋଟ ସମ୍ପତ୍ତିର ମୂଲ୍ୟ ଏବଂ ଦୀର୍ଘକାଳୀନ କରଜର ମୂଲ୍ୟର ତୁଳନାତ୍ମକ ବିବରଣୀ ନିମ୍ନ ସାରଣୀରେ ଦିଆଯାଇଛି:

**ସାରଣୀ 4.7: ମୋଟ ସମ୍ପତ୍ତି ସହିତ ଦୀର୍ଘକାଳୀନ ଋଣର ତୁଳନା**

| | ଧନାତ୍ମକ ତୁଳନା | | | | ଋଣାତ୍ମକ ତୁଳନା | | | |
|---|---|---|---|---|---|---|---|---|
| | ଏସ୍‌ପିଏସ୍‌ଇ ଗୁଡିକର ସଂଖ୍ୟା | ଦୀର୍ଘକାଳୀନ ଋଣ (ଟଙ୍କା କୋଟିରେ) | ସମ୍ପତ୍ତି (ଟଙ୍କା କୋଟିରେ) | ସମ୍ପତ୍ତି ତୁଳନାରେ ଋଣର ଶତକଡା ହାର | ଏସ୍‌ପିଏସ୍‌ଇ ଗୁଡିକର ସଂଖ୍ୟା | ଦୀର୍ଘକାଳୀନ ଋଣ (ଟଙ୍କା କୋଟିରେ) | ସମ୍ପତ୍ତି (ଟଙ୍କା କୋଟିରେ) | ସମ୍ପତ୍ତି ତୁଳନାରେ ଋଣର ଶତକଡା ହାର |
| ବୈଧାନିକ ନିଗମ ସମୂହ | 2 | 99.91 | 250.94 | 251.17 | - | - | - | - |
| ସରକାରୀ କମ୍ପାନୀ ସମୂହ | 7 | 13070.53 | 30218.93 | 231.20 | 1* | 12.13 | 5.00 | 41.22 |
| ମୋଟ | **9** | **13170.44** | **30469.87** | | **1** | **12.13** | **5.00** | |

* କୋଣାର୍କ ଜୋଟ ଲିମିଟେଡ, ମୋଟ ସମ୍ପତ୍ତିର ମୂଲ୍ୟ ବକେୟା ଋଣଠାରୁ କମ୍ ଥିଲା

### 4.2.2.3 ସୁଧ ଭରଣା

ସୁଧ ଭରଣା ଅନୁପାତ (ଆଇସିଆର୍) ବକେୟା ଋଣ ଉପରେ କମ୍ପାନୀର ସୁଧ ଦେବାର କ୍ଷମତା ନିର୍ଣ୍ଣୟ କରିବା ପାଇଁ ବ୍ୟବହୃତ ହୁଏ ଏବଂ ସେହି ସମୟର ସୁଧ ଖର୍ଚ୍ଚ ଦ୍ୱାରା ଏକ କମ୍ପାନୀର ସୁଧ ଏବଂ ଟିକସ ପୂର୍ବର ଆୟ (ଇବିଆଇଟି)କୁ ଭାଗ କରି ଗଣନା କରାଯାଏ। ଅନୁପାତ କମ୍ ହେଲେ କମ୍ପାନୀର କରଜ ଉପରେ ସୁଧ ଦେବାର କ୍ଷମତା କମ୍ ହୋଇଥାଏ। ଏକରୁ କମ୍ ଥିବା ଆଇସିଆର୍ ସୂଚାଇ ଦିଏ ଯେ ସୁଧ ଖର୍ଚ୍ଚ ପ୍ରଦାନ କରିବା ପାଇଁ କମ୍ପାନୀ ପର୍ଯ୍ୟାପ୍ତ ପରିମାଣର ଆୟ କରୁନାହିଁ। 2017-18ରୁ 2019-20 ମଧ୍ୟରେ ଋଣ ଥିବା, ଏସ୍‌ପିଏସ୍‌ଇଗୁଡ଼ିକର ଧନାତ୍ମକ ଏବଂ ଋଣାତ୍ମକ ସୁଧ ଭରଣା ଅନୁପାତର ବିବରଣୀ ନିମ୍ନ ସାରଣୀରେ ଦିଆଯାଇଛି:

**ସାରଣୀ 4.8: ସୁଧ ଭରଣା ଅନୁପାତ**

| ବର୍ଷ | ସୁଧ (ଟଙ୍କା କୋଟିରେ) | ସୁଧ ଏବଂ ଟିକସ ପୂର୍ବରୁ ଆୟ (ଇବିଆଇଟି) (ଟଙ୍କା କୋଟିରେ) | ଏସ୍‌ପିଏସ୍‌ଇ ଗୁଡିକର ସଂଖ୍ୟା | ଆଇସିଆର୍ >= 1 ଥିବା ଏସ୍‌ପିଏସ୍‌ଇ ଗୁଡିକର ସଂଖ୍ୟା | ଆଇସିଆର୍ <1 ଥିବା ଏସ୍‌ପିଏସ୍‌ଇ ଗୁଡିକର ସଂଖ୍ୟା |
|---|---|---|---|---|---|
| ବୈଧାନିକ ନିଗମ ସମୂହ | | | | | |
| 2017-18 | 1.62 | 6.04 | 2 | 2 | - |
| 2018-19 | 1.58 | 9.53 | 2 | 2 | - |
| 2019-20 | 0.47 | 5.73 | 1 | 1 | - |
| ସରକାରୀ କମ୍ପାନୀ ସମୂହ | | | | | |
| 2017-18 | 648.81 | 662.52 | 7 | 7 | - |
| 2018-19 | 653.60 | 625.87 | 6 | 4 | 2# |
| 2019-20 | 662.75 | 911.48 | 6 | 4 | 2# |

# ଗ୍ରୀଡ୍‌କୋ ଲିମିଟେଡ୍ ଏବଂ ଓଡିଶା ଶିଳ୍ପ ଉନ୍ନୟନ ନିଗମ ଲିମିଟେଡ୍

ଏହା ଦେଖାଯାଇପାରେ ଯେ, ଦୁଇଟି ଏସ୍‌ପିଏସ୍‌ଇ ଆଇସିଆର ଉଭୟ 2018-19 ଓ 2019-20 ରେ ଏକରୁ କମ୍ ଥିଲା।

### 4.2.2.4 ରାଜ୍ୟ ସରକାରୀ ଋଣ ଉପରେ ବକେୟା ସୁଧର ବର୍ଷ ଓ୍ୱାରୀ ବିଶ୍ଳେଷଣ

31 ମାର୍ଚ୍ଚ 2020 ସୁଦ୍ଧା, ରାଜ୍ୟ ସରକାରଙ୍କ ଦ୍ୱାରା ତିନୋଟି ଏସ୍‌ପିଏସ୍‌ଇକୁ ପ୍ରଦାନ କରାଯାଇଥିବା ଦୀର୍ଘକାଳୀନ ଋଣ ଉପରେ 1,315.73 କୋଟି ଟଙ୍କା ସୁଧ ବକେୟା ଥିଲା। ଏସ୍‌ପିଏସ୍‌ଇଗୁଡିକରେ ରାଜ୍ୟ ସରକାରୀ ଋଣ ଉପରେ ବକେୟା ସୁଧର ବର୍ଷ-ଓ୍ୱାରୀ ବିଶ୍ଳେଷଣ ନିମ୍ନ ସାରଣୀରେ ଚିତ୍ରିତ ହୋଇଅଛି:

**ସାରଣୀ 4.9:** ରାଜ୍ୟ ସରକାରୀ ଋଣ ଉପରେ ସୁଧ ବକେୟା

*(ଟଙ୍କା କୋଟିରେ)*

| କ୍ରମିକ ସଂଖ୍ୟା | ଏସ୍‌ପିଏସ୍‌ଇର ନାମ | ରାଜ୍ୟ ସରକାରୀ ଋଣ ଉପରେ ସୁଧ ବକେୟା | ରାଜ୍ୟ ସରକାରୀ ଋଣ ଉପରେ ସୁଧ 1 ବର୍ଷରୁ କମ୍ ବକେୟା | ରାଜ୍ୟ ସରକାରୀ ଋଣ ଉପରେ ସୁଧ 1ରୁ 3 ବର୍ଷ ପର୍ଯ୍ୟନ୍ତ ବକେୟା | ରାଜ୍ୟ ସରକାରୀ ଋଣ ଉପରେ ସୁଧ 3 ବର୍ଷରୁ ଅଧିକା ବକେୟା |
|---|---|---|---|---|---|
| 1 | ଓଡିଶା ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ୍ | 234.00 | 26.00 | 52.00 | 156.00 |
| 2 | ଗ୍ରୀଡ୍‌କୋ ଲିମିଟେଡ୍ | 1079.75 | 106.04 | 212.08 | 761.63 |
| 3 | ଓଡିଶା ରାଜ୍ୟ ବିହନ ନିଗମ ଲିମିଟେଡ୍ | 1.98 | - | - | 1.98 |
| | ମୋଟ | **1315.73** | **132.04** | **264.08** | **919.61** |

ଏହି ସାରଣୀରୁ ଦେଖାଯାଇପାରେ ଯେ, ତିନି ବର୍ଷରୁ ଅଧିକ ବକେୟା ଥିବା 919.61 କୋଟି ଟଙ୍କା ମୋଟ ବକେୟାର 69.89 ପ୍ରତିଶତ ଥିଲା।

### 4.2.3 ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକରେ ବିନିଯୋଗ

ରାଜ୍ୟ ସରକାର, କେନ୍ଦ୍ର ସରକାର ଏବଂ ସେମାନଙ୍କ ଦ୍ୱାରା ନିୟନ୍ତ୍ରିତ କମ୍ପାନୀ ଏବଂ ବୈଧାନିକ ନିଗମ ଦ୍ୱାରା 2019-20 ବର୍ଷ ମଧ୍ୟରେ 13ଟି[40] ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନୀରେ ବିନିଯୋଗ ହୋଇଥିବା ପୁଞ୍ଜି ନିମ୍ନ ଚାର୍ଟରେ ଚିତ୍ରିତ ହୋଇଅଛି:

**ଚାର୍ଟ III:** ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକରେ ଅଂଶଧନ ପୁଞ୍ଜି ରଚନା




31 ମାର୍ଚ୍ଚ 2020 ସୁଦ୍ଧା, ଏହି ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକରେ 487.09 କୋଟି ଟଙ୍କାର ସାଧାରଣ ଅଂଶଧନ ଥିଲା। 2018-19ରେ ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡିକର ସାଧାରଣ ଅଂଶଧନ ଚଳିତ ବର୍ଷ ସହିତ ସମାନ ଥିଲା।

[40] 16ଟି ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀ ସମୂହ – 3 ଟି ସରକାର ନିୟନ୍ତ୍ରିତ ଅନ୍ୟ କମ୍ପାନୀସମୂହ ଯାହାର ହିସାବ ତିନି ବର୍ଷ କିମ୍ବା ଅଧିକ ବକେୟା ଥିଲା କିମ୍ବା ଅଚଳ/ସମାପନ ପ୍ରକ୍ରିୟାରେ ଥିଲା।


## 4.3 ସରକାରୀ କମ୍ପାନୀ ଏବଂ ବୈଧାନିକ ନିଗମରୁ ପ୍ରତିଦାନ

### 4.3.1 ସରକାରୀ କମ୍ପାନୀ ଏବଂ ବୈଧାନିକ ନିଗମ ଦ୍ୱାରା ପ୍ରାପ୍ତ ଲାଭ

ଲାଭ ହାସଲ କରିଥିବା ଏସ୍‌ପିଏସ୍‌ଇ ସଂଖ୍ୟା 2019-20ରେ 24 ଥିଲା ବେଳେ 2018-19ରେ 22 ଥିଲା (ଦୁଇଟି ଏସ୍‌ପିଏସ୍‌ଇ ଯୋଡି ହୋଇଛି ଯଥା ଓଡିଶା ଖଣିଜ ଧାରକ ଅଞ୍ଚଳ ଉନ୍ନୟନ ନିଗମ ଲିମିଟେଡ୍ (ଓଏମ୍‌ବିଏଡିସି) ଏବଂ ଜେଡ୍‌କଲ ସେଲ୍ ଶକ୍ତି ନିଗମ ଲିମିଟେଡ୍ (ଜିଏସ୍‌ପିସିଏଲ୍) )। ଏହି ଦୁଇଟି ଏସ୍‌ପିଏସ୍‌ଇ ମଧ୍ୟରୁ ଓଏମ୍‌ବିଏଡିସି 2018-19 ବର୍ଷର ବାର୍ଷିକ ହିସାବରେ ବ୍ୟାଙ୍କ ଜମା ଉପରେ ମିଳିଥିବା ସୁଧ ହେତୁ ଲାଭ ବିଷୟରେ ରିପୋର୍ଟ କରିଥିଲା ଏବଂ ପୂର୍ବ ବାର୍ଷିକ ହିସାବରେ କୌଣସି ଲାଭ କିମ୍ବା କ୍ଷତି ହୋଇନଥିବା ରିପୋର୍ଟ କରିଥିଲା। ଅନ୍ୟ ଏସ୍‌ପିଏସ୍‌ଇ, ଜିଏସ୍‌ପିସିଏଲ୍ ପୂର୍ବ ବର୍ଷରେ ହୋଇଥିବା କ୍ଷତି ତୁଳନାରେ 2019-20 ବର୍ଷ ପାଇଁ ବାର୍ଷିକ ହିସାବରେ ଲାଭ ରିପୋର୍ଟ କରିଥିଲା। 2019-20ରେ ଜିଏସ୍‌ପିସିଏଲ୍‌ର ଲାଭ ମୁଖ୍ୟତଃ ବ୍ୟାଙ୍କ ଜମା ଉପରେ ମିଳିଥିବା ସୁଧ ଯୋଗୁ ହୋଇଥିଲା।

2018-19ରେ 22 ଟି ସରକାରୀ କମ୍ପାନୀ ଏବଂ ନିଗମମାନଙ୍କର ହୋଇଥିବା ଅର୍ଜିତ ଲାଭ 1,174.30 କୋଟି ଟଙ୍କାରୁ ବୃଦ୍ଧି ପାଇ 2019-20 ରେ 24 ଟି ସରକାରୀ କମ୍ପାନୀ ଏବଂ ନିଗମମାନଙ୍କର 1,686.08 କୋଟି ଟଙ୍କା ହୋଇଥିଲା। 2019-20ରେ 24ଟି ଏସ୍‌ପିଏସ୍‌ଇର ସାଧାରଣ ଅଂଶଧନ ଉପରେ ଲାଭ (ଆର୍‌ଓଇ) 12.51 ପ୍ରତିଶତ ଥିଲା, ଯାହା 2018-19ରେ 22 ଏସ୍‌ପିଏସ୍‌ଇରେ 9.77 ପ୍ରତିଶତ ଥିଲା। 2017-18ରୁ 2019-20 ମଧ୍ୟରେ ଲାଭ ଅର୍ଜନ କରିଥିବା ଏସ୍‌ପିଏସ୍‌ଇ ଗୁଡିକର ସଂଖ୍ୟା ନିମ୍ନ ଚାର୍ଟରେ ଚିତ୍ରିତ ହୋଇଅଛି:

**ଚାର୍ଟ IV : ଲାଭ ଅର୍ଜନ କରିଥିବା ଏସ୍‌ପିଏସ୍‌ଇଗୁଡିକର**




2019-20ରେ ସର୍ବାଧିକ ଲାଭ ଅର୍ଜନ କରିଥିବା ଶ୍ରେଷ୍ଠ ତିନୋଟି ବିଭାଗର ବିବରଣୀ ନିମ୍ନ ସାରଣୀରେ ଦର୍ଶାଯାଇଅଛି:

**ସାରଣୀ 4.10: 2018-19 ଏବଂ 2019-20ରେ ସର୍ବାଧିକ ଲାଭ ଅର୍ଜନ କରିଥିବା ଶ୍ରେଷ୍ଠ ତିନୋଟି ବିଭାଗ**

| ବିଭାଗର ନାମ | 2019-20 | | | 2018-19 | | |
|---|---|---|---|---|---|---|
| | ଲାଭ କରୁଥିବା ଏସ୍‌ପିଏସ୍‌ଇ ଗୁଡିକର ସଂଖ୍ୟା | ନିଟ୍ ଅର୍ଜିତ ଲାଭ (ଟଙ୍କା କୋଟିରେ) | ମୋଟ ଏସ୍‌ପିଏସ୍‌ଇ ଲାଭ ଉପରେ ଲାଭର ଶତକଡା ହାର | ଲାଭ କରୁଥିବା ଏସ୍‌ପିଏସ୍‌ଇ ଗୁଡିକର ସଂଖ୍ୟା | ନିଟ୍ ଅର୍ଜିତ ଲାଭ (ଟଙ୍କା କୋଟିରେ) | ମୋଟ ଏସ୍‌ପିଏସ୍‌ଇ ଲାଭ ଉପରେ ଲାଭର ଶତକଡା ହାର |
| ଖଣି ଏବଂ ଇସ୍ପାତ | | | | | | |
| ସରକାରୀ କମ୍ପାନୀସମୂହ | 2 | 1155.92 | 68.56 | 1 | 789.88 | 91.74 |
| ଶକ୍ତି | | | | | | |
| ସରକାରୀ କମ୍ପାନୀସମୂହ | 5 | 359.94 | 21.35 | 6 | -19.51 | 0 |
| ଜଳ ସମ୍ପଦ | | | | | | |
| ସରକାରୀ କମ୍ପାନୀସମୂହ | 2 | 50.63 | 3.00 | 2 | 67.04 | 7.79 |
| **ମୋଟ** | **9** | **1566.49** | **92.91** | **9** | **837.41** | **97.26** |

2019-20 ବର୍ଷ ମଧ୍ୟରେ, 24ଟି ଲାଭ ଅର୍ଜନ କରିଥିବା ସରକାରୀ କମ୍ପାନୀ ଏବଂ ନିଗମର ସମୁଦାୟ ଲାଭର 92.91 ପ୍ରତିଶତ ଯାହା 1,566.49 କୋଟି ଟଙ୍କା ତାହା ତିନୋଟି ବିଭାଗର ନଅଟି ଏସ୍‌ପିଏସ୍‌ଇ ଦ୍ୱାରା ଅର୍ଜନ କରାଯାଇଥିଲା ଯାହାର ଶତକଡା ହାର 2018-19 ବର୍ଷ ମଧ୍ୟରେ 88.36 ପ୍ରତିଶତ ଥିଲା।

2019-20 ବର୍ଷ ମଧ୍ୟରେ 50 କୋଟି ଟଙ୍କାରୁ ଅଧିକ ଲାଭ ହାସଲ କରିଥିବା ସରକାରୀ କମ୍ପାନୀଗୁଡ଼ିକର ତାଲିକା ନିମ୍ନ ସାରଣୀରେ ଦିଆଗଲା:

**ସାରଣୀ 4.11: 50 କୋଟି ଟଙ୍କାରୁ ଅଧିକ ଲାଭ ଅର୍ଜନ କରିଥିବା ଏସ୍‌ପିଏସ୍‌ଇଗୁଡ଼ିକର ତାଲିକା**

*(ଟଙ୍କା କୋଟିରେ)*

| କ୍ରମିକ ସଂଖ୍ୟା | ଏସ୍‌ପିଏସ୍‌ଇର ନାମ | ନିଟ୍ ଲାଭ |
|---|---|---|
| 1 | ଓଡ଼ିଶା ଖଣି ନିଗମ ଲିମିଟେଡ୍ | 728.72 |
| 2 | ଓଡ଼ିଶା ଖଣିଜ ଧାରକ ଅଞ୍ଚଳ ଉନ୍ନୟନ ନିଗମ ଲିମିଟେଡ୍ | 427.20 |
| 3 | ଓଡ଼ିଶା ଶକ୍ତି ଉତ୍ପାଦନ ନିଗମ ଲିମିଟେଡ୍ | 171.48 |
| 4 | ଓଡ଼ିଶା ଜଳ ବିଦ୍ୟୁତ ନିମଗ ଲିମିଟେଡ୍ | 144.39 |
| 5 | ଓଡ଼ିଶା ନିର୍ମାଣ ନିଗମ ଲିମିଟେଡ୍ | 50.13 |
| ମୋଟ | | **1521.92** |

ଏହା ଦେଖାଯାଇପାରେ ଯେ ଏହି ପାଞ୍ଚଟି ଏସ୍‌ପିଏସ୍‌ଇ 2019-20 ମଧ୍ୟରେ 24ଟି ଏସ୍‌ପିଏସ୍‌ଇ ଦ୍ୱାରା ଅର୍ଜିତ ମୋଟ ଲାଭରେ 90.26 ପ୍ରତିଶତ ଯୋଗଦାନ ଦେଇଥିଲେ।

13ଟି ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନୀ ମଧ୍ୟରୁ, ଆଠଟି କମ୍ପାନୀ 31 ମାର୍ଚ୍ଚ 2020 ବର୍ଷ ଶେଷ ସୁଦ୍ଧା 4.65 କୋଟି ଟଙ୍କା ଲାଭ କରିଥିଲେ। ଏହି ଆଠଟି ଏସ୍‌ପିଏସ୍‌ଇର ଆର୍‌ଓଇ 2019-20 ବର୍ଷରେ 1.10 ପ୍ରତିଶତ ଥିଲା। 13ଟି ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନୀଗୁଡ଼ିକର ଆର୍‌ଓଇ (-) 2.19 ପ୍ରତିଶତ ଥିଲା।

### 4.3.2 ରାଜ୍ୟ ସରକାରୀ ଉଦ୍ୟୋଗମାନଙ୍କ ଦ୍ୱାରା ହୋଇଥିବା କ୍ଷତି

2019-20 ବର୍ଷ ମଧ୍ୟରେ ସାତଟି ସରକାରୀ କମ୍ପାନୀ କ୍ଷତି ସହିଥିଲେ। ଏହି ଏସ୍‌ପିଏସ୍‌ଇଗୁଡ଼ିକ ଦ୍ୱାରା 2018-19 ରେ 313.26 କୋଟି ଟଙ୍କାର କ୍ଷତି ହୋଇଥିଲା ଯାହା 2019-20ରେ ହ୍ରାସ ପାଇ 304.52 କୋଟି ଟଙ୍କା ହୋଇଥିଲା ଯାହାକି ନିମ୍ନ ସାରଣୀରେ ଦର୍ଶାଗଲା:

**ସାରଣୀ 4.12: 2017-18ରୁ 2019-20 ଅବଧିରେ କ୍ଷତି ସହିଥିବା ଏସ୍‌ପିଏସ୍‌ଇଗୁଡ଼ିକର ସଂଖ୍ୟା**

| ବର୍ଷ | କ୍ଷତି ସହିଥିବା ଏସ୍‌ପିଏସ୍‌ଇ ଗୁଡ଼ିକର ସଂଖ୍ୟା | ବର୍ଷକ ପାଇଁ ନିଟ୍ କ୍ଷତି (ଟଙ୍କା କୋଟିରେ) | ଏକତ୍ରୀକୃତ କ୍ଷତି (ଟଙ୍କା କୋଟିରେ) | ନିଟ୍ ମୂଲ୍ୟ[41] (ଟଙ୍କା କୋଟିରେ) |
|---|---|---|---|---|
| ସରକାରୀ କମ୍ପାନୀ | | | | |
| 2017-18 | 6 | 666.65 | 1348.82 | 1574.14 |
| 2018-19 | 8 | 313.26 | 4686.92 | -3576.24 |
| 2019-20 | 7 | 304.52 | 4982.95 | -3873.27 |

ସାତଟି ସରକାରୀ ଏସ୍‌ପିଏସ୍‌ଇ ଦ୍ୱାରା ହୋଇଥିବା 304.52 କୋଟି ଟଙ୍କା କ୍ଷତି ମଧ୍ୟରୁ 281.05 କୋଟି ଟଙ୍କା କ୍ଷତି ଶକ୍ତି କ୍ଷେତ୍ରରେ କାର୍ଯ୍ୟ କରୁଥିବା ଗୋଟିଏ ଏସ୍‌ପିଏସ୍‌ଇ (ଗ୍ରୀଡ୍‌କୋ ଲିମିଟେଡ୍) ଦ୍ୱାରା ହୋଇଥିଲା।

13ଟି ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନୀମାନଙ୍କ ମଧ୍ୟରୁ, ତିନୋଟି କମ୍ପାନୀ 2019-20 ବର୍ଷ ମଧ୍ୟରେ 24.41 କୋଟି ଟଙ୍କା କ୍ଷତି କରିଥିଲେ।

[41] ନିଟ୍ ମୂଲ୍ୟର ଅର୍ଥ ହେଉଛି ସମାଦତ୍ତ ପୁଞ୍ଜି ଏବଂ ମୁକ୍ତ ଆରକ୍ଷଣ ଓ ବଳକାର ସମଷ୍ଟି ବିଯୁକ୍ତ ଏକତ୍ରୀକୃତ କ୍ଷତି ଏବଂ ବିଳମ୍ବିତ ରାଜସ୍ୱ ଖର୍ଚ୍ଚ। ମୁକ୍ତ ଆରକ୍ଷଣ ଅର୍ଥ ହେଉଛି ଲାଭ ଏବଂ ଅଂଶ ପ୍ରିମିୟମ ଖାତାରୁ ସୃଷ୍ଟି ହୋଇଥିବା ସମସ୍ତ ଆରକ୍ଷଣ, କିନ୍ତୁ ସମ୍ପତ୍ତିର ପୁନଃମୂଲ୍ୟାଙ୍କନରୁ ସୃଷ୍ଟି ହୋଇଥିବା ଆରକ୍ଷଣ ଓ ଅବକ୍ଷୟଣ ପ୍ରାବଧାନର ପୁନଃଲେଖନକୁ ଅନ୍ତର୍ଭୁକ୍ତ କରେ ନାହିଁ।

### 4.3.3 ସରକାରୀ କମ୍ପାନୀ ଏବଂ ନିଗମ ଗୁଡ଼ିକରେ ପୁଞ୍ଜି କ୍ଷୟ

31 ମାର୍ଚ୍ଚ 2020 ସୁଦ୍ଧା, 33ଟି ମଧ୍ୟରୁ 11ଟି ସରକାରୀ କମ୍ପାନୀ ଏବଂ ନିଗମଗୁଡିକ 5,778.34 କୋଟି ଟଙ୍କାର ଏକତ୍ରିକୃତ କ୍ଷତି ସହିଛନ୍ତି। 2019-20 ବର୍ଷରେ 11ଟି ଏସ୍‌ପିଏସ୍‌ଇ ମଧ୍ୟରୁ ଛଅଟି ଏସ୍‌ପିଏସ୍‌ଇର 296.09 କୋଟି ଟଙ୍କା କ୍ଷତି ଅଟେ, ପାଞ୍ଚଟି ଏସ୍‌ପିଏସ୍‌ଇ 2019-20 ବର୍ଷରେ କ୍ଷତି କରିନାହାନ୍ତି ଯଦିଓ ସେମାନଙ୍କର 785.45 କୋଟି ଟଙ୍କାର ସଂଗୃହିତ କ୍ଷତି ରହିଛି।

11 ଟି ଏସ୍‌ପିଏସ୍‌ଇ ମଧ୍ୟରୁ ସାତଟିର ନିଟ୍ ମୂଲ୍ୟ କ୍ଷତି ଦ୍ୱାରା ସମ୍ପୂର୍ଣ୍ଣ କ୍ଷୟ ହୋଇଯାଇଥିଲା ଏବଂ ସେମାନଙ୍କର ନିଟ୍ ମୂଲ୍ୟ ନକରାତ୍ମକ ଥିଲା। ଏହି ସାତଟି ଏସ୍‌ପିଏସ୍‌ଇର ମୋଟ୍ ଇକ୍ୱିଟି ବିନିଯୋଗ 31 ମାର୍ଚ୍ଚ 2020 ସୁଦ୍ଧା 1,216.11 କୋଟି ଟଙ୍କା ଥିଲା ବେଳେ ସେମାନଙ୍କ ନିଟ୍ ମୂଲ୍ୟ (-)4,301.47 କୋଟି ଟଙ୍କା ନକରାତ୍ମକ ଥିଲା। ସାତଟି ଏସ୍‌ପିଏସ୍‌ଇ ମଧ୍ୟରୁ ଯାହାର ପୁଞ୍ଜି କ୍ଷୟ ହୋଇଯାଇଥିଲା (ନକରାତ୍ମକ ନିଟ୍ ମୂଲ୍ୟ), ତିନୋଟି ଏସ୍‌ପିଏସ୍‌ଇ 2019-20 ବର୍ଷ ମଧ୍ୟରେ 20.78 କୋଟି ଟଙ୍କା ଲାଭ କରିଥିଲେ (**ପରିଶିଷ୍ଟ-21**)।

ସାତଟି ଏସ୍‌ପିଏସ୍‌ଇ ମଧ୍ୟରୁ ତିନୋଟିରେ ଯାହାର ପୁଞ୍ଜି କ୍ଷୟ ହୋଇଯାଇଥିଲା, 31 ମାର୍ଚ୍ଚ 2020 ସୁଦ୍ଧା ବକେୟା ଥିବା ରାଜ୍ୟ ସରକାରୀ ଋଣ ପରିମାଣ 90.69 କୋଟି ଟଙ୍କା ଥିଲା।

22ଟି ଏସ୍‌ପିଏସ୍‌ଇ ମଧ୍ୟରୁ ଦୁଇଟି[42] ଏସ୍‌ପିଏସ୍‌ଇର ନିଟ୍ ମୂଲ୍ୟ ସେମାନଙ୍କ ପୁଞ୍ଜି ବିନିଯୋଗର ଅଧାରୁ କମ୍ ଥିଲା ଯାହାର ନିଟ୍ ମୂଲ୍ୟ 31 ମାର୍ଚ୍ଚ 2020 ଶେଷରେ ସକରାତ୍ମକ ଥିଲା, ଯାହା ସେମାନଙ୍କର ସମ୍ଭାବ୍ୟ ଆର୍ଥିକ ଅସୁସ୍ଥତାକୁ ସୂଚାଉଛି। ମୋଟ୍ ଉପରେ, ସମସ୍ତ 33 ଟି ସରକାରୀ କମ୍ପାନୀ ଏବଂ ନିଗମର ନିଟ୍ ମୂଲ୍ୟ 9,621.32 କୋଟି ଟଙ୍କା ଥିଲା ଏବଂ ସେମାନଙ୍କର ମୋଟ୍ ପୁଞ୍ଜି ବିନିଯୋଗ 5,519.79 କୋଟି ଟଙ୍କା ଥିଲା।

### 4.3.4 ଏସ୍‌ପିଏସ୍‌ଇ ଦ୍ୱାରା ଡିଭିଡେଣ୍ଡ ଦେୟ

ସରକାରୀ କମ୍ପାନୀ ଏବଂ ନିଗମଗୁଡିକ ଦ୍ୱାରା ଅର୍ଜିତ ଲାଭ ଏବଂ ଘୋଷିତ ଡେଭିଡେଣ୍ଡର ବିବରଣୀ ନିମ୍ନରେ ଥିବା ସାରଣୀରେ ଦିଆଯାଇଛି:

**ସାରଣୀ 4.13: ଅର୍ଜିତ ଲାଭ ଏବଂ ଘୋଷିତ ଡିଭିଡେଣ୍ଡ**


| ବର୍ଗ | ଏସ୍‌ପିଏସ୍‌ଇ ସଂଖ୍ୟା | ମୋଟ୍ ସମାଦର ପୁଞ୍ଜି (ଟଙ୍କା କୋଟିରେ) | ନିଟ୍ ଲାଭ (ଟଙ୍କା କୋଟିରେ) | ଘୋଷିତ ଡିଭିଡେଣ୍ଡ (ଟଙ୍କା କୋଟିରେ) |
|---|---|---|---|---|
| ସରକାରୀ କମ୍ପାନୀ | 6 | 68.72 | 818.75 | 270.00 |

33ଟି ସରକାରୀ କମ୍ପାନୀ ଏବଂ ନିଗମ ମଧ୍ୟରୁ ଛଅଟି ଏସ୍‌ପିଏସ୍‌ଇ 2019-20 ରେ ଡିଭିଡେଣ୍ଡ ଘୋଷଣା କରିଥିଲେ। ଏହି ଛଅଟି ଲାଭ କରିଥିବା ଏସ୍‌ପିଏସ୍‌ଇର ନିଟ୍ ଲାଭର ଶତକଡା ଘୋଷିତ ଡିଭିଡେଣ୍ଡ 2018-19 ରେ 51.28 ପ୍ରତିଶତରୁ 2019-20 ରେ 32.98 ପ୍ରତିଶତକୁ ହ୍ରାସ ପାଇଥିଲା। ସମ୍ପୂର୍ଣ୍ଣ ଶବ୍ଦ ଅନୁଯାୟୀ, 2019-20 ରେ ଏସ୍‌ପିଏସ୍‌ଇ ଦ୍ୱାରା ଘୋଷିତ ଡିଭିଡେଣ୍ଡ ପୂର୍ବ ବର୍ଷ ତୁଳନାରେ 249.25 କୋଟି ଟଙ୍କା ହ୍ରାସ ପାଇଛି। ନିମ୍ନ ଚାର୍ଟରେ ଗତ ତିନି ବର୍ଷ ମଧ୍ୟରେ ଏସ୍‌ପିଏସ୍‌ଇ ଗୁଡିକ ଦ୍ୱାରା ଘୋଷିତ ହୋଇଥିବା ଡିଭିଡେଣ୍ଡ, ନିଟ୍ ଲାଭ ଅର୍ଜନ ଏବଂ ପୁଞ୍ଜି ବିନିଯୋଗକୁ ଚିତ୍ରଣ କରାଯାଇଛି।

[42] ଓଡିଶା ରାଜ୍ୟ ସଡକ ପରିବହନ ନିଗମ ଏବଂ ଓଡିଶାର ଜଳ ନିଗମ ଲିମିଟେଡ୍

**ଚାର୍ଟ V: ଘୋଷିତ ଡେଭିଡେଣ୍ଡ ଯଥା ନିଟ୍ ଲାଭ ଆୟ ଏବଂ ସମାଦତ୍ତ ପୁଞ୍ଜି**

*(ଟଙ୍କା କୋଟିରେ)*




2019-20 ବର୍ଷ ପାଇଁ ଛଅଟି ଏସ୍‌ପିଏସ୍‌ଇ ଦ୍ୱାରା ଘୋଷିତ ହୋଇଥିବା 270.00 କୋଟି ଟଙ୍କାର ମୋଟ୍ ଡିଭିଡେଣ୍ଡ ମଧ୍ୟରୁ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରାପ୍ତ/ ଗ୍ରହଣଯୋଗ୍ୟ ଡିଭିଡେଣ୍ଡ ହେଉଛି 269.45 କୋଟି ଟଙ୍କା (ଘୋଷିତ ମୋଟ୍ ଡିଭିଡେଣ୍ଡର ୨୨.୫୦ ପ୍ରତିଶତ) । ଏହି ଛଅଟି ଏସ୍‌ପିଏସ୍‌ଇରେ ସମୁଦାୟ ଇକ୍ୱିଟି ନିବେଶ ହେଉଛି ୬୫.72 କୋଟି ଟଙ୍କା (ରାଜ୍ୟ ସରକାର ଇକ୍ୱିଟି ବିନିଯୋଗ ହେଉଛି 66.92 କୋଟି ଟଙ୍କା)।

ରାଜ୍ୟ ସରକାର (ଡିସେମ୍ବର 2011)ରେ ଲାଭାଂଶ ନୀତି ପ୍ରସ୍ତୁତ କରିଥିଲେ ଯେଉଁଥିରେ ସମସ୍ତ ଲାଭ କରୁଥିବା ପିଏସ୍‌ୟୁଗୁଡିକ ରାଜ୍ୟ ସରକାରଙ୍କ ସାଧାରଣ ଅଂଶଧନର 20 ପ୍ରତିଶତ କିମ୍ବା ଟିକସ ପରବର୍ତ୍ତୀ ଲାଭର 20 ପ୍ରତିଶତ ମଧ୍ୟରୁ ଯାହା ଅଧିକ ତାହା ବାର୍ଷିକ ଲାଭାଂଶ ଦେବାର ଥିଲା। ଶକ୍ତି ଉତ୍ପାଦନ କ୍ଷେତ୍ରରେ ଥିବା ପିଏସ୍‌ୟୁଗୁଡିକ ପାଇଁ ସର୍ବନିମ୍ନ ଲାଭାଂଶ ପ୍ରଦାନ ଟିକସ ପରବର୍ତ୍ତୀ ଲାଭର 30 ପ୍ରତିଶତ ଥିଲା। ପରବର୍ତ୍ତୀ ସମୟରେ, ଜିଓଓ ସମସ୍ତ ପିଏସ୍‌ୟୁ ପାଇଁ 30 ପ୍ରତିଶତ ହାରରେ ଲାଭାଂଶ ପ୍ରଦାନ କରିବା ପାଇଁ ସଂଶୋଧିତ (ଫେବୃୟାରୀ 2016) ନୀତି ଜାରି କରିଥିଲେ। ଅଧିକନ୍ତୁ, ଚାରୋଟି ଏସ୍ ପିଏସ୍‌ଇ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ଆଧାରରେ ଡେଭିଡେଣ୍ଡ ଘୋଷଣା କରି ନଥିଲେ ଯାହା **ପରିଶିଷ୍ଟ-22**ରେ ଦିଆଗଲା। ଏହି ହିସାବରେ ମୋଟ୍ ଅଭାବ 2019-20 ରେ ୫.86 କୋଟି ଟଙ୍କା ଥିଲା।

13ଟି ସରକାରୀ ନିୟନ୍ତ୍ରିତ ଅନ୍ୟ କମ୍ପାନୀ ମଧ୍ୟରୁ ଆଠଟି କମ୍ପାନୀ 31 ମାର୍ଚ୍ଚ 2020 ରେ ଶେଷ ହୋଇଥିବା ବର୍ଷରେ 4.65 କୋଟି ଟଙ୍କା ଲାଭ କରିଥିଲେ। ଏହି ଆଠଟି କମ୍ପାନୀ ମଧ୍ୟରୁ 2019-20 ମଧ୍ୟରେ କୌଣସି କମ୍ପାନୀ ଲାଭାଂଶ ଘୋଷଣା କରି ନଥିଲେ।


## 4.4 ସରକାରୀ କମ୍ପାନୀ ଏବଂ ନିଗମର ପରିଚାଳନା ଦକ୍ଷତା

### 4.4.1 ଉତ୍ପାଦନର ମୂଲ୍ୟ

ତିନି ବର୍ଷ ମଧ୍ୟରେ ସାତଟି ସରକାରୀ କମ୍ପାନୀ ଏବଂ ନିଗମରେ ଉତ୍ପାଦନର ମୂଲ୍ୟ, ମୋଟ୍ ସମ୍ପତ୍ତି ଏବଂ ବିନିଯୁକ୍ତ ପୁଞ୍ଜି ସୂଚୀତ କରୁଥିବା ସାରାଂଶ ନିମ୍ନରେ ଦିଆଯାଇଥିବା ଚାର୍ଟରେ ଚିତ୍ରିତ ହୋଇଅଛି:

**ଚାର୍ଟ VI: ଉତ୍ପାଦନର ମୂଲ୍ୟ, ସମ୍ପତ୍ତି ଏବଂ ବିନିଯୁକ୍ତ ପୁଞ୍ଜି**

*(ଟଙ୍କା କୋଟିରେ)*




ପୂର୍ବ ବର୍ଷ ତୁଳନାରେ 2019-20 ବର୍ଷରେ ଉତ୍ପାଦନର ମୂଲ୍ୟ, ମୋଟ୍ ସମ୍ପତ୍ତି ଏବଂ ବିନିଯୁକ୍ତ ପୁଞ୍ଜି ବୃଦ୍ଧି ପାଇଥିଲା। **ପରିଶିଷ୍ଟ-23**ରେ ଏସ୍‌ପିଏସ୍‌ଇ ଗୁଡ଼ିକର ଉତ୍ପାଦନର ମୂଲ୍ୟ, ମୋଟ୍ ସମ୍ପତ୍ତି ଏବଂ ପୁଞ୍ଜି ବିନିଯୁକ୍ତର ବିବରଣୀ ଦିଆଗଲା।

### 4.4.2 ନିୟୋଜିତ ପୁଞ୍ଜି ଉପରେ ଫେରସ୍ତ (ଆର୍‌ଓସିଇ)

ଆର୍‌ଓସିଇ ହେଉଛି ଏକ ଅନୁପାତ ଯାହା ଏକ କମ୍ପାନୀର ଲାଭଦାୟକତା ଏବଂ ଦକ୍ଷତାକୁ ମାପିଥାଏ ଯେଉଁଥିରେ ପୁଞ୍ଜି ନିୟୋଜିତ ହୋଇଥାଏ। ନିୟୋଜିତ ପୁଞ୍ଜି[43] ଦ୍ୱାରା ସୁଧ ଏବଂ ଟିକସ ପୂର୍ବରୁ କମ୍ପାନୀର ଆୟକୁ (ଇବିଆଇଟି) ଭାଗ କରି ଆର୍‌ଓସିଇ ଗଣନା କରାଯାଏ। **ପରିଶିଷ୍ଟ-24** ରେ ଏସ୍‌ପିଏସ୍‌ଇ ଗୁଡ଼ିକର ଆର୍‌ଓସିଇର ବିବରଣୀ ଦିଆଯାଇଛି। 2017-18 ରୁ 2019-20 ମଧ୍ୟରେ 33ଟି ସରକାରୀ କମ୍ପାନୀ ଏବଂ ନିଗମର ଏକତ୍ରିତ ଆର୍‌ଓସିଇ ସାରଣୀ 4.14 ରେ ଦିଆଯାଇଛି।

**ସାରଣୀ 4.14: ବିନିଯୁକ୍ତ ପୁଞ୍ଜି ଉପରେ ଫେରସ୍ତ**

| ବର୍ଷ | ଇବିଆଇଟି (ଟଙ୍କା କୋଟିରେ) | ବିନିଯୁକ୍ତ ପୁଞ୍ଜି (ଟଙ୍କା କୋଟିରେ) | ଆର୍‌ଓସିଇ (ଶତକଡ଼ାରେ) |
|---|---|---|---|
| 2017-18 | 41.02 | 20257.92 | 0.20 |
| 2018-19 | 1889.56 | 20200.17 | 9.35 |
| 2019-20 | 2755.75 | 23796.28 | 11.58 |

ଏହା ଦେଖାଗଲା ଯେ 2018-19 ବର୍ଷ ତୁଳନାରେ 2019-20 ବର୍ଷରେ 33ଟି ସରକାରୀ କମ୍ପାନୀ ଏବଂ ନିଗମର ଆର୍‌ଓସିଇ ଅଧିକ ଥିଲା।

43 ନିୟୋଜିତ ପୁଞ୍ଜି = ପେଡ୍ ଅପ୍ ସେୟାର କ୍ୟାପିଟାଲ + ମାଗଣା ସଂରକ୍ଷଣ ଏବଂ ଅତିରିକ୍ତ + ଦୀର୍ଘକାଳୀନ ଋଣ – ସଂଗୃହିତ କ୍ଷତି – ବିଳମ୍ବିତ ରାଜସ୍ୱ ବ୍ୟୟ

### 4.4.3 ଏସ୍‌ପିଏସ୍‌ଇ ଗୁଡିକର ଇକ୍ୱିଟି ଉପରେ ଆୟ (ଆର୍‌ଓଇ)

ଆର୍‌ଓଇ[44] ହେଉଛି କମ୍ପାନୀ ଗୁଡିକର ଆର୍ଥିକ କାର୍ଯ୍ୟଦକ୍ଷତାର ଏକ ମାପ ଯାହାକି ଅଂଶୀଦାରମାନଙ୍କ ଇକ୍ୱିଟି ଦ୍ୱାରା ନିଟ୍ ଆୟ ବଣ୍ଟନ କରି ଗଣନା କରାଯାଏ। ଏସ୍‌ପିଏସ୍‌ଇ ଗୁଡିକର ଆର୍‌ଓଇ **ପରିଶିଷ୍ଟ-25**ରେ ଦିଆଯାଇଛି। 2017-18 ରୁ 2019-20 ମଧ୍ୟରେ 33ଟି ସରକାରୀ କମ୍ପାନୀ ଏବଂ ନିଗମର ଏକତ୍ରିତ ଆର୍‌ଓଇ ନିମ୍ନ ସାରଣୀରେ ଦିଆଗଲା:

**ସାରଣୀ 4.15: ଇକ୍ୱିଟି ଉପରେ ଫେରସ୍ତ**

| ବର୍ଷ | କର ପରେ ନିଟ୍ ଲାଭ ଏବଂ ପସନ୍ଦଯୋଗ୍ୟ ଡିଭିଡେଣ୍ଡ (ଟଙ୍କା କୋଟିରେ) | ଇକ୍ୱିଟି (ଟଙ୍କା କୋଟିରେ) | ଆର୍‌ଓଇ (ଶତକଡାରେ) |
|---|---|---|---|
| 2017-18 | -343.79 | 7057.33 | -4.87 |
| 2018-19 | 861.04 | 8453.37 | 10.19 |
| 2019-20 | 1381.56 | 9621.32 | 14.36 |

ଏହା ଦେଖାଗଲା ଯେ 2018-19 ବର୍ଷ ତୁଳନାରେ 2019-20 ବର୍ଷ ମଧ୍ୟରେ 33ଟି ସରକାରୀ କମ୍ପାନୀ ଏବଂ ନିଗମର ଆର୍ ଓଇ ଅଧିକ ଥିଲା।

2018-19 ବର୍ଷ ମଧ୍ୟରେ ଯେଉଁ ସରକାରୀ କମ୍ପାନୀ ଏବଂ ନିଗମର ମୋଟ୍ ଇକ୍ୱିଟି 50 କୋଟି ଟଙ୍କାରୁ ଅଧିକ ଥିଲା ସେମାନଙ୍କ କ୍ଷେତ୍ର-ୱାରୀ ଆର୍‌ଓଇ ନିମ୍ନ ସାରଣୀରେ ଦିଆଯାଇଛି:

**ସାରଣୀ 4.16: ସମୁଦାୟ ଇକ୍ୱିଟି 50 କୋଟି ଟଙ୍କା ଏବଂ ଅଧିକ ଥିବା କ୍ଷେତ୍ରଗୁଡିକର ଆର୍‌ଓଇ**

*(ଶତକଡାରେ)*

| କ୍ରମିକ ସଂଖ୍ୟା | ବିଭାଗର ନାମ | **2017-18** ରେ ଆର୍‌ଓଇ | **2018-19** ରେ ଆର୍‌ଓଇ | **2019-20** ରେ ଆର୍‌ଓଇ |
|---|---|---|---|---|
| 1 | ଶିଳ୍ପ[45] | 5.27 | -66.94 | -15.42 |
| 2 | ବାଣିଜ୍ୟ ଏବଂ ପରିବହନ | 19.67 | 3.97 | 2.57 |
| 3 | ଶକ୍ତି | -14.25 | -1.26 | 3.64 |
| 4 | ଇସ୍ପାତ ଏବଂ ଖଣି | -7.45 | 14.05 | 18.00 |
| 5 | ଗୃହ | 16.42 | 13.82 | 13.82 |
| 6 | ଜଳ ସମ୍ପଦ | 46.94 | 56.89 | 33.30 |
| 7 | ଅବକାରୀ | 5.17 | 9.37 | 9.37 |
| 8 | ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ | 16.54 | 15.59 | 15.59 |
| 9 | ସମବାୟ | 16.34 | 16.34 | 9.75 |

### 4.4.4 ସରକାରୀ ବିନିଯୋଗ ଉପରେ ପ୍ରକୃତ ଲାଭର ହାର (ଆର୍‌ଓଆର୍‌ଆର୍)

ଆର୍‌ଓଆର୍‌ଆର୍ ଲାଭ ଏବଂ ଦକ୍ଷତା ମାପ କରେ ଯେଉଁଥିରେ ଇକ୍ୱିଟି ଏବଂ ସମାନ ଅଣ-ସୁଧ ବହନ କରୁଥିବା ପୁଞ୍ଜିଗୁଡିକ ସେମାନଙ୍କ ସମୟ ମୂଲ୍ୟ ପାଇଁ ସଜାଡିବା ପରେ ନିୟୋଜିତ ହୋଇଛି, ଏବଂ ପାରମ୍ପାରିକ ଆର୍‌ଓଆର୍ ସହିତ ତୁଳନା କଲେ ତାହାର ମହତ୍ ଜଣାଯାଏ, ଯାହା ଐତିହାସିକ ମୂଲ୍ୟ ଆଧାରରେ ସେପରି ସମସ୍ତ ବିନିଯୋଗର ରାଶି ଦ୍ୱାରା  ପିଏଟି ଭାଗ କରି ଗଣନା କରାଯାଏ।

[44] ଇକ୍ୱିଟି ଉପରେ ଫେରସ୍ତ = (ଷ୍ଟୋକ୍ସ ଏବଂ ପ୍ରିଫରେନ୍ସ ଡିଭିଡେଣ୍ଡ ପରେ ନିଟ୍ ଲାଭ /ଇକ୍ୱିଟି)*100 ଯେଉଁଠାରେ ଇକ୍ୱିଟି = ସମାଦତ୍ତ ପୁଞ୍ଜି + ମାଗଣା ସଂରକ୍ଷଣ ଏବଂ ସରପ୍ଲସ୍ – ସଂଗୃହିତ କ୍ଷତି – ବିଳମ୍ବିତ ରାଜସ୍ୱ ବ୍ୟୟ

[45] 2018-19 ବର୍ଷରେ ଶିଳ୍ପ ବିଭାଗ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ, ମୁଖ୍ୟତଃ ଓଡିଶା ଲିମିଟେଡ୍‌ର ଶିଳ୍ପ ଉନ୍ନୟନ ନିଗମ ଦ୍ୱାରା 2017-18 ରେ 1.55 କୋଟି ଟଙ୍କା ଲାଭ ହେବୁ 89.50 କୋଟି ଟଙ୍କା କ୍ଷତି ହୋଇଛି। ତାହା ପୁଣି ବେଆଇନ ଖଣି ପାଇଁ ଦିଆଯାଇଥିବା କ୍ଷତିପୂରଣ ଏବଂ ଭିଆର୍ ଦେୟ ପ୍ରଦାନ ପାଇଁ ନିଆଯାଇଥିବା ଋଣ ଉପରେ ଅତିରିକ୍ତ ସୁଧ ଯୋଗୁ ହୋଇଥିଲା।

ଏହି ପ୍ରତିବେଦନରେ ଅନ୍ତର୍ଭୁକ୍ତ 46ଟି ଏସ୍‌ପିଏସ୍‌ଇ ମଧ୍ୟରୁ 28ଟି ଏସ୍‌ପିଏସ୍‌ଇରେ ରାଜ୍ୟ ସରକାର ପ୍ରତ୍ୟକ୍ଷ ବିନିଯୋଗ କରିଛନ୍ତି।

ଏହି ଏସ୍‌ପିଏସ୍‌ଇ ଗୁଡ଼ିକରେ କେନ୍ଦ୍ର ସରକାରଙ୍କ ବିନିଯୋଗର ଆର୍‌ଓଆର୍‌ଆର୍ ନିମ୍ନଲିଖିତ ଅନୁମାନ ଆଧାରରେ ଗଣନା କରାଯାଇଥିଲା:

- ସରକାରୀ ଉଦ୍ୟୋଗ ଗୁଡ଼ିକର କାର୍ଯ୍ୟକ୍ଷମ ଏବଂ ପ୍ରଶାସନିକ ଖର୍ଚ୍ଚ ପାଇଁ ରାଜ୍ୟ ସରକାର ଇକ୍ୱିଟି ଆକାରରେ ରାଜ୍ୟ ସରକାରଙ୍କ ବାସ୍ତବ ବିନିଯୋଗ ବ୍ୟତୀତ, ସୁଧମୁକ୍ତ ଋଣ ଏବଂ ଅନୁଦାନ/ସବ୍‌ସିଡି ଦେଇଥିଲେ ଯାହାକି ରାଜ୍ୟ ସରକାରଙ୍କ ନିବେଶ ଭାବେ ବିବେଚନା କରାଯାଇଛି।

- ଯେଉଁ କ୍ଷେତ୍ରରେ ଏସ୍‌ପିଏସ୍‌ଇକୁ ଦିଆଯାଇଥିବା ସୁଧମୁକ୍ତ ଋଣ ପରେ ଇକ୍ୱିଟିରେ ରୂପାନ୍ତରିତ ହୋଇଥିଲା, ଇକ୍ୱିଟିରେ ରୂପାନ୍ତରିତ ଋଣ ପରିମାଣ ସୁଧମୁକ୍ତ ଋଣ ପରିମାଣରୁ କଟାଯାଇ ସେହି ବର୍ଷର ଇକ୍ୱିଟିରେ ଯୋଡି ଦିଆଗଲା।

- ସମ୍ପୃକ୍ତ ଆର୍ଥିକ ବର୍ଷ[46] ପାଇଁ ରାଜ୍ୟ ସରକାରୀ ସିକ୍ୟୁରିଟି ଉପରେ ହାରାହାରି ସୁଧ ହାର ବର୍ତ୍ତମାନର ମୂଲ୍ୟ (ପିଭି)ରେ ପହଞ୍ଚିବା ପାଇଁ ଯୌଗିକ ହାର ଭାବରେ ଗ୍ରହଣ କରାଯାଇଥିଲା କାରଣ ସେମାନେ ବର୍ଷ ପାଇଁ ପାଣ୍ଠି ବିନିଯୋଗରେ ସରକାରଙ୍କ ଖର୍ଚ୍ଚକୁ ପ୍ରତିନିଧିତ୍ୱ କରନ୍ତି ଏବଂ ସେଥିପାଇଁ ସରକାରଙ୍କ ଦ୍ୱାରା କରାଯାଇଥିବା ପୁଞ୍ଜି ବିନିଯୋଗରେ ଆଶା କରାଯାଉଥିବା ରିଟର୍ଣ୍ଣ ହାର ସର୍ବନିମ୍ନ ଭାବରେ ବିବେଚନା କରାଯାଏ।

- ରାଜ୍ୟ ସରକାରଙ୍କ ପୁଞ୍ଜି ବିନିଯୋଗର ଆର୍‌ଓଆର୍‌ଆର୍ ହିସାବରେ ଉଦ୍ଦେଶ୍ୟ ପାଇଁ, 2000-01 ରୁ 2019-20 ପର୍ଯ୍ୟନ୍ତ ଆରମ୍ଭ ହୋଇଥିବା ଅବଧି ଏହି 28ଟି ଏସ୍‌ପିଏସ୍‌ଇରେ ରାଜ୍ୟ ସରକାରଙ୍କ ପୁଞ୍ଜି ବିନିଯୋଗକୁ 31 ମାର୍ଚ୍ଚ 2000 ରେ ରାଜ୍ୟ ସରକାରଙ୍କ ପୁଞ୍ଜି ବିନିଯୋଗର ପିଭି ଭାବରେ ଗ୍ରହଣ କରାଯାଇଛି।

- 28ଟି ଏସ୍‌ପିଏସ୍‌ଇ ବିଷୟରେ ଆର୍‌ଓଆର୍‌ଆର୍‌ର ଗଣନା କରାଯାଇଛି ଯାହା **ପରିଶିଷ୍ଟ-26** ରେ ବିସ୍ତୃତ ଭାବରେ ଦିଆଯାଇଛି।

**ପରିଶିଷ୍ଟ-26** ରେ କରାଯାଇଥିବା ବିଶ୍ଳେଷଣରୁ ଦେଖାଯାଏ ଯେ, 2000-01 ରୁ 2019-20 ମଧ୍ୟରେ ଆର୍‌ଓଆର୍‌ଆର୍‌କୁ ଏକ ପରିବର୍ତ୍ତନଶୀଳ ଧାରା ଭାବରେ ଦେଖାଯାଇଛି ଯାହା 7.24 ରୁ 23.32 ପ୍ରତିଶତ ମଧ୍ୟରେ ଥିଲା।

**ସାରଣୀ 4.17: 2019-20 ବର୍ଷ ପାଇଁ ସରକାରଙ୍କ ବିନିଯୋଗ ଉପରେ ଏକତ୍ରିତ ଆର୍‌ଓଆର୍‌ଆର୍**

| **2019-20 ରେ** ମୋଟ ଆୟ/ କ୍ଷତି (ଟଙ୍କା କୋଟିରେ) | ଆରମ୍ଭରୁ **2019-20** ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ଦ୍ୱାରା ବିନିଯୋଗ (ଟଙ୍କା କୋଟିରେ) | ଐତିହାସିକ ମୂଲ୍ୟ ଆଧାରରେ ରାଜ୍ୟ ସରକାରଙ୍କ ବିନିଯୋଗ ଉପରେ ଫେରସ୍ତ (ଶତକଡାରେ) | **2019-20** ଶେଷ ସୁଦ୍ଧା ରାଜ୍ୟ ସରକାରଙ୍କ ବିନିଯୋଗର ବର୍ତ୍ତମାନ ମୂଲ୍ୟ (ଟଙ୍କା କୋଟିରେ) | ବିନିଯୋଗର ବର୍ତ୍ତମାନ ମୂଲ୍ୟକୁ ବିଚାର କରି ରାଜ୍ୟ ସରକାରଙ୍କ ବିନିଯୋଗ ଉପରେ ଆର୍‌ଓଆର୍‌ଆର୍ (ଶତକଡାରେ) |
|---|---|---|---|---|
| ଏ | ବି | ସି | ଡି | ଇ |
| ଉପରିସ୍ଥ ସାରଣୀର ସ୍ତମ୍ଭ ଏମ୍ ର ମୂଲ୍ୟ | ଉପରିସ୍ଥ ସ୍ତମ୍ଭ ଏଚ୍ ର ମୋଟ୍ + 2000-01 ଆରମ୍ଭରେ ସରକାରୀ ବିନିଯୋଗ | ଏ*100/ବି | ଉପରିସ୍ଥ ସାରଣୀର ସ୍ତମ୍ଭ କେ ର ମୂଲ୍ୟ | ଏ *100/ ଡି |
| 1347.47 | 22150.76(16213.95+5936.81) | 6.08 | 24445.82 | 5.51 |

[46] ସରକାରୀ ଋଣ ଉପରେ ହାରାହାରି ସୁଧ ହାର ସମ୍ପୃକ୍ତ ବର୍ଷ ପାଇଁ ରାଜ୍ୟ ଆର୍ଥିକ ହିସାବ (ଓଡ଼ିଶା ସରକାର)ର ଭାରତର ସିଏଜିଙ୍କ ପ୍ରତିବେଦନରୁ ଗ୍ରହଣ କରାଯାଇଥିଲା ଯେଉଁଥିରେ ହାରାହାରି ସୁଧ ହାର ପ୍ରଦାନ କରାଯାଇଥିଲା = ସୁଧ ଦେୟ /[(ପୂର୍ବ ବର୍ଷର ଆର୍ଥିକ ଦାୟିତ୍ୱର ପରିମାଣ + ଚଳିତ ବର୍ଷର ଆର୍ଥିକ ଦାୟିତ୍ୱ)/2]*100 ।

### 4.4.5 ବିକ୍ରୟ ଏବଂ ମାର୍କେଟିଂ

2019-20 ବର୍ଷରେ, 33ଟି ସରକାରୀ କମ୍ପାନୀ ମଧ୍ୟରୁ 18ଟିର ମୋଟ୍ ବିକ୍ରି 27,293.56 କୋଟି ଟଙ୍କା ଥିଲା, ଯାହା 2018-19 ରେ 24,770.49 କୋଟି ଟଙ୍କା ଥିଲା। 18ଟି ଏସ୍‌ପିଏସ୍‌ଇ ମଧ୍ୟରୁ 10ଟି ଏସ୍‌ପିଏସ୍‌ଇ ସରକାରୀ କ୍ଷେତ୍ରକୁ 2,811.60 କୋଟି ଟଙ୍କା ମୂଲ୍ୟର ସାମଗ୍ରୀ ବିକ୍ରି/ ସେବା ବିକ୍ରି କରିଥିଲା। ଏହି 10ଟି ଏସ୍‌ପିଏସ୍‌ଇ ଗୁଡିକର ସରକାରୀ କ୍ଷେତ୍ରକୁ ସାମଗ୍ରୀ ବିକ୍ରୟ ସେମାନଙ୍କ ମୋଟ୍ ବିକ୍ରୟର ସାମଗ୍ରିକ ଶତକଡା ହେଉଛି 10.30 ପ୍ରତିଶତ।

ଏହି ଅବଧି ମଧ୍ୟରେ କୌଣସି ଏସ୍‌ପିଏସ୍‌ଇରେ ସାମଗ୍ରୀ/ ସେବାର ରପ୍ତାନି କିମ୍ବା ଆମଦାନୀ ହୋଇ ନଥିଲା।

ତିନି ବର୍ଷ ପାଇଁ 18ଟି ଏସ୍‌ପିଏସ୍‌ଇ ସମ୍ବନ୍ଧରେ ସମୁଦାୟ ବିକ୍ରୟ, ସରକାରୀ କ୍ଷେତ୍ରକୁ ଓ ଅନ୍ୟାନ୍ୟ ବିକ୍ରୟ ବିଷୟରେ ନିମ୍ନରେ ଦିଆଯାଇଛି:

**ସାରଣୀ 4.18: 19ଟି ଏସ୍‌ପିଏସ୍‌ଇର ବିକ୍ରୟ ବିବରଣୀ**

*(ଟଙ୍କା କୋଟିରେ)*

| ବର୍ଷ | ମୋଟ୍ ବିକ୍ରୟ | ସରକାରୀ କ୍ଷେତ୍ରକୁ ବିକ୍ରୟ | ଅନ୍ୟକୁ ବିକ୍ରୟ |
|---|---|---|---|
| 2017-18 | 23062.73 | 2629.83 | 20432.90 |
| 2018-19 | 24770.49 | 2804.23 | 21966.26 |
| 2019-20 | 27293.56 | 2811.60 | 24481.96 |

ମୋଟ୍ ବିକ୍ରି 27,293.56 କୋଟି ଟଙ୍କା ତୁଳନାରେ, 13 ଟି ସରକାରୀ କମ୍ପାନୀରେ ଅନ୍ୟ କ୍ଷେତ୍ରକୁ ବିକ୍ରି ହେଉଛି 24,481.96 କୋଟି ଟଙ୍କା (89.70 ପ୍ରତିଶତ)।